## ସଂକ୍ଷେପରେ

### ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ସଜନାଗଡ଼, ୨୬।୫ (ଡି.ଏନ.ଏ.):** ନୀଳଗିରି ବଡ଼ଦାଣ୍ଡରେ ଥିବା ଭାଜପା କାର୍ଯ୍ୟାଳୟରେ ନବନିର୍ବାଚିତ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କୁ ନୀଳଗିରି ଓଷ୍ଟା ପକ୍ଷରୁ ରବିବାର ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବାଲେଶ୍ୱର ଜିଲା ଓଷ୍ଟା ସମ୍ପାଦକ ବାଦଲ ଚନ୍ଦ୍ର ପାତ୍ର, ନୀଳଗିରି ଓଷ୍ଟା ସମ୍ପାଦକ ପ୍ରମୋଦ କୁମାର ସାହୁ, ରତ୍ନାକର ରଣଜିତ୍, ଭାସ୍କର ଜେନା, ଅଶୋକ ନାୟକ, ସରୋଜ ସୁନ୍ଦର ସିଂହ, ଯତୀନ୍ଦ୍ର ନାଥ ଭୋଳ, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରମୋଦ ମହାପାତ୍ର, ରତିକାନ୍ତ ବେହେରା, ସୀତାନାଥ ବେହେରା, ଅନୀଲ ସାହୁ, ଗଣେଶ ମିଶ୍ର, ଯୋଗେନ୍ଦ୍ର ବେହେରା, ନୃସିଂହ ଚରଣ ସ ଓ ରବୀନ୍ଦ୍ର ଜେନା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ।

### ଡଷ୍ଟବିନ ପାଲଟିଛି ଡ୍ରେନ୍

**ବାଲିଆପାଳ, ୨୬।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ସଦର ପଞ୍ଚାୟତରେ ଥିବା ଡ୍ରେନ ଡଷ୍ଟବିନ ପାଲଟିଛି। ବ୍ଲକ ଛକଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଯାଇଥିବା ଡ୍ରେନ ଆବର୍ଜନାରେ ପୋତି ହୋଇପଡ଼ିଥିଲେ ମଧ ଏହାକୁ ସଫା କରିବା ପାଇଁ ପଞ୍ଚାୟତ ତରଫରୁ ଧ୍ୟାନ ଦିଆଯାଉନାହିଁ। ଫଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ତ୍ତମାନ ବର୍ଷା ଦିନରେ ମଇଳା ପାଣି ଡ୍ରେନରେ ନିଷ୍କାସନ ହୋଇ ନ ପାରି ରାସ୍ତାପାର୍ଶ୍ୱରେ ଥିବା ଦୋକାନ ଓ ଘର ଭିତରକୁ ପ୍ରବେଶ କରୁଛି। ରାସ୍ତାରେ ଯାଉଥିବା ଲୋକମାନେ ମଧ ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡୁଛନ୍ତି। ଡ୍ରେନରେ ପାଣି ଜମି ରହୁଥିବାରୁ ମଶାବଂଶ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ମ୍ୟାଲେରିଆ, ଡେଙ୍ଗୁ ଆଦି ଜ୍ୱରରେ ଲୋକମାନେ ଆକ୍ରାନ୍ତ ହେଉଛନ୍ତି। ବାଲିଆପାଳ ପଞ୍ଚାୟତକୁ ସରକାର ନିର୍ମଳ ପଞ୍ଚାୟତ ଭାବେ ଘୋଷଣା କରି ସରପଞ୍ଚଙ୍କୁ ମଧ ଏଥିପାଇଁ ପୁରସ୍କୃତ କରିଛନ୍ତି। ଏହି ପଞ୍ଚାୟତର ଏଭଳି ପରିମଳ ଅବସ୍ଥା ଥିବା ସତ୍ତ୍ୱେ ଏହା କିପରି ନିର୍ମଳ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେଲା ତାହା ସନ୍ଦେହ ସୃଷ୍ଟି କରିଛି। ବାଲିଆପାଳ ସରପଞ୍ଚ ମଧୁସୂଦନ ବାରିକଙ୍କୁ ଏ ବିଷୟରେ ପଚାରିବାରୁ ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ଡ୍ରେନ ସଫା କରାଯାଉଛି। ଏହାପରେ ବି ଲୋକମାନେ ଡ୍ରେନ ଭିତରେ ଅଳିଆ ଆବର୍ଜନା ପକାଇ ଏହାକୁ ପୋତି ପକାଉଛନ୍ତି। ବାରମ୍ବାର ଡ୍ରେନ ସଫା କରିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା ନ ଥିବାରୁ ଏହା ସଫା କରାଯାଇପାରୁ ନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଲୋକଙ୍କୁ ସଚେତନ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି।

### ରକ୍ତଦାନ ଶିବିର



**ବାଲେଶ୍ୱର ଅଫିସ, ୨୬।୫:** ବାଲେଶ୍ୱର ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ଜେଲ ରୋଡରେ ଅବସ୍ଥାପିତ ବାଲେଶ୍ୱର ଶାଖାରେ ୨୬ତମ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଧକ୍ଷ ପ୍ରେମାନନ୍ଦ ପିରି ଓ କେନ୍ଦ୍ର ପ୍ରମୁଖ ଅଧାପକ ଡ. ନିରଞ୍ଜନ ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପର୍କ ପ୍ରମୁଖ ରାଧାକୃଷ୍ଣ ଆଚାର୍ଯ୍ୟ, ଦେବାଶିଷ ଦାସ, ଅଶୋକ କୁମାର ସାହୁ, ଡ. ଗିତା ଗିରି, ପ୍ୟାରେଲାଲ ଶର୍ମା, ଅରୁଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇ ପରିଚାଳନା କରିଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କ ସମେତ ବହୁ ବ୍ୟକ୍ତି ରକ୍ତଦାନ କରିଥିଲେ। ସୁଶ୍ରୀ ସଙ୍ଗୀତା ଦାସ, ମଞ୍ଜୁରାଣୀ ପିରି, ବିଜୟ ଲକ୍ଷ୍ମୀ ନାଥ, ଗୟାଧର କର, ଶମ୍ଭୁନାଥ ଯାଦବ, ମୀନତି ଦେ, ମୀନତି ରାୟ, ବିଷ୍ଣୁପଦ ମିଶ୍ର, ସମରେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାଲେଶ୍ୱର ରେଡକ୍ରସ ସଂସ୍ଥା ତରଫରୁ ଡ. ମହେଶ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ସଂଗ୍ରହରେ ରେଡକ୍ରସର କର୍ମଚାରୀ ବିଜୟ କୁମାର ପଟ୍ଟନାୟକ, ରିପୁରାଜ ମେହେର, ଅଜୟ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୫୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାତାମାନେ ରକ୍ତଦାନ କରି ପ୍ରମାଣ ପତ୍ର ଗ୍ରହଣ କରିଥିଲେ।

# କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ଚିନ୍ତା

- କଡ଼ାକଡ଼ି ହେବ ସୁରକ୍ଷା ଆଇନ
- ୧୬ ଅନୁଷ୍ଠାନ ଚିହ୍ନଟ ପରେ ନୋଟିସ୍

**ବାଲେଶ୍ୱର ଅଫିସ, ୨୬।୫**

ଗୁଜୁରାଟର ସୁରଟ ଜିଲା ଅନ୍ତର୍ଗତ ସୁରଥନା ଅଞ୍ଚଳର ଏକ ଘରୋଇ କୋଚିଂ ସେଣ୍ଟରରେ ଗତ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୨୦ଜଣ ଛାତ୍ରୀଛାତ୍ର ମୃତ୍ୟୁବରଣ କରିବା ପରେ ବାଲେଶ୍ୱର ଜିଲାରେ ଚାଲିଥିବା କୋଚିଂ ସେଣ୍ଟରରେ ନିରାପତ୍ତା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ପ୍ରତିବର୍ଷ ବାଲେଶ୍ୱର ସହରରେ କମ୍ପ୍ୟୁଟର ସେଣ୍ଟର ସମେତ ବିଭିନ୍ନ କୋଚିଂ ସେଣ୍ଟର ଛତୁ ଫୁଟିଲା ପରି ଖୋଲୁଛି। କେତେକ କୋଚିଂ ସେଣ୍ଟର ସରକାରଙ୍କଠାରୁ ଅନୁମତି ପାଇଥିବା ବେଳେ ଆଉ କେତେକ ବେଆଇନ ଭାବେ ହଷ୍ଟେଲ ଖୋଲି ଶତାଧିକ ପିଲାମାନଙ୍କୁ ରଖାଇ କୋଚିଂ ଦେବାର ବ୍ୟବସ୍ଥା କରିଛନ୍ତି। ଅଗ୍ନିଶମ ବିଭାଗ ଏବଂ ବିଭାଗୀୟ ଅଧିକାରୀ ଏସବୁ କୋଚିଂ ସେଣ୍ଟରର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ ନ କରି ଉଦାସୀନ ରହୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ମାଟ୍ରିକ୍, ଯୁକ୍ତ ଦୁଇ ଏବଂ ସ୍ନାତକ ପାସ୍ କରିବା ପରେ ଛାତ୍ରୀଛାତ୍ରମାନେ ନିଜର କ୍ୟାରିୟର ଗଠନ ଲାଗି ବିଭିନ୍ନ କୋଚିଂ ସେଣ୍ଟରର ସହଯୋଗ ନେଇଥାନ୍ତି। ଏପରିକି କେଉଁ ବିଷୟରେ ଅଧ୍ୟୟନ କଲେ ନିଜର ପସନ୍ଦଯୋଗ୍ୟ ଚାକିରି ମିଳିବ ସେ ବାବଦରେ ମଧ ଯୋଗାଯୋଗ କରିଥାନ୍ତି। ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ନିମନ୍ତେ ସେମାନେ କୋଚିଂ ସେଣ୍ଟରକୁ ପାଠ ପଢ଼ିବାକୁ ଯାଇଥାନ୍ତି। ଅନ୍ୟପକ୍ଷେ ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ଏସବୁ ସଂସ୍ଥା ହୋର୍ଡିଂ ମାଧ୍ୟମରେ ବିଭିନ୍ନ ପ୍ରଚାର କରିଥାନ୍ତି। ସେମାନେ କୋଚିଂ ଦେବା ସକାଶେ ଯଥେଷ୍ଟ ଅର୍ଥ ଆଦାୟ କରୁଥିଲେ ମଧ ସୁରକ୍ଷା ବ୍ୟବସ୍ଥା ପ୍ରତି ନଜର ରଖୁ ନ ଥିବା କେତେକ ଅଭିଭାବକ ଏଠାରେ ଅଭିଯୋଗ କରିଛନ୍ତି। କୌଣସି ସ୍ଥାନରେ ଫାୟାର ସେଫ୍ଟି ବ୍ୟବସ୍ଥା ଅଛି କି ନାହିଁ ପ୍ରଶାସନ ପକ୍ଷରୁ ମଧ ତାହାକୁ ଯାଞ୍ଚ କରାଯାଉନାହିଁ। ଅଭିଭାବକମାନଙ୍କ ଏହି ଅଭିଯୋଗ ସମ୍ପର୍କରେ ଜିଲା ଆଞ୍ଚଳିକ ଅତିରିକ୍ତ ଅଗ୍ନିଶମ ବିଭାଗ ଅଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ କହିଛନ୍ତି, ରାଜ୍ୟ ସରକାର ବିଭିନ୍ନ ଶିକ୍ଷାନୁଷ୍ଠାନର ନିରାପତ୍ତା ନିମନ୍ତେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି। ନିୟମ ଅନୁଯାୟୀ କୌଣସି ଶିକ୍ଷାନୁଷ୍ଠାନ୍ କାର୍ଯ୍ୟ କରି ନ ଥିଲେ ଏହି ଆଇନ ବଳରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋଠାଘରର ପ୍ଲାନ ଆପ୍ରୋଭାଲ ସମୟରେ ଫାୟାର ସେଫ୍ଟି ବ୍ୟବସ୍ଥା ସ୍ଥାନ ପାଇଥିବା ଦରକାର। ବାଲେଶ୍ୱର ସହରରେ ୧୬ରୁ ଊର୍ଦ୍ଧ୍ୱ ଅନୁଷ୍ଠାନକୁ ଚିହ୍ନଟ କରାଯାଇ ଫାୟାର ସେଫ୍ଟି ବ୍ୟବସ୍ଥା ଲାଗି ନୋଟିସ୍ ଦିଆଯାଇଛି। ବିଭାଗୀୟ କର୍ମକର୍ତ୍ତାମାନଙ୍କ ମାଧ୍ୟମରେ ଅଧିକ ଅନୁସନ୍ଧାନ ଚାଲୁ ରହିଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ପଚାରିବାରୁ କହିଛନ୍ତି, କୌଣସି କୋଚିଂ ସେଣ୍ଟର କିମ୍ବା କମ୍ପ୍ୟୁଟର ସେଣ୍ଟର ଖୋଲିବା ସକାଶେ ଅନୁମତି ନେବା ଲାଗି ଜିଲା ପ୍ରଶାସନକୁ କେହି ଆବେଦନ କରିନାହାନ୍ତି। ଦିନକୁ ଦିନ ବଢ଼ି ଚାଲିଥିବା ଘଟଣା ଓ ଦୁର୍ଘଟଣାକୁ ଆଖି ଆଗରେ ରଖି ଏ ଦିଗରେ ସରକାରୀ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ କରାଯିବ।



(ଫଟୋ: ସନ୍ତୋଷ)

**ପ୍ରବଳ ଖରା:** ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ଗୋରୁପଲ ସିମୁଳିଆ ବ୍ଲକର ଭଗିଆଶୁଣୀ ପୀଠର ଗଛମୂଳେ ଆଶ୍ରୟ ନେଇଛନ୍ତି।

## ପରିତ୍ୟକ୍ତ ଘରୁ ମୃତଦେହ ଉଦ୍ଧାର

**ବସ୍ତା, ୨୬।୫(ସ୍ୱ.ପ୍ର.)**

ବସ୍ତା ଥାନା ଅନ୍ତର୍ଗତ ଗୁଣ୍ଡୁରିମରା ଗ୍ରାମର ଆଦିବାସୀ ସାହି ନିକଟ ଏକ ପରିତ୍ୟକ୍ତ ଘରୁ ରବିବାର ବସ୍ତା ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଏହି ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ବ୍ୟକ୍ତିର ପରିଚୟ ମିଳିନାହିଁ। ତାର ଆନୁମାନିକ ବୟସ ୩୦ ବର୍ଷ ହେବ। ଉକ୍ତ ଯୁବକ ଭିକ୍ଷା ବୃତ୍ତି କରି ଚଳୁଥିବା ସ୍ଥାନୀୟ ଲୋକେ କହିଛନ୍ତି।




ବାହାନଗା ବ୍ଲକ ମଧାହ୍ନଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

# ପାଚିକା ସହାୟିକା ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର

**ବାହାନଗା, ୨୬।୫(ଡି.ଏନ.ଏ.)**

୧୨ଦଫା ଦାବି ନେଇ ପାଚିକା ସହାୟିକା ସଂଘ ତରଫରୁ ବାହାନଗା ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ବାହାନଗା ବଜାରଠାରୁ ସଂଘର ସଦସ୍ୟାମାନେ ହାତରେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ବ୍ଲକ ସଂଘର ସଭାପତି ସୁକାନ୍ତି ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ରାଧାରମଣ ଷଡ଼ଙ୍ଗୀ ଯୋଗଦେଇ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ବ୍ଲକ ମଧାହ୍ନଭୋଜନ ପାଚିକା ଓ ସହାୟିକାମାନଙ୍କୁ ବିଭିନ୍ନ ବିଦ୍ୟାଳୟରେ ସରକାରୀ ମାନ୍ୟତା, ସର୍ବନିମ୍ନ ମାସିକ ଦରମା ୧୮ହଜାର ଟଙ୍କା, ୧୦ମାସ ବଦଳରେ ୧୨ମାସ ଦରମା, ଅବସର ସମୟ ୬୦ବର୍ଷରୁ ୬୨ବର୍ଷ କରିବା, ଛଟେଇ ପାଚିକାମାନଙ୍କୁ ପୁନଃ ନିଯୁକ୍ତି ଦେବା ଆଦି ଦାବି କରାଯାଇଥିଲା। ୨୦୧୧୦ାରୁ ୨୦୧୭ ମସିହା ପର୍ଯ୍ୟନ୍ତ ବ୍ଲକର କାର୍ଯ୍ୟରତ ପାଚିକା ଓ ସହାୟିକାମାନଙ୍କର ଲକ୍ଷାଧିକ ବାକିଆ ଟଙ୍କା ଆଜି ପର୍ଯ୍ୟନ୍ତ ଶିକ୍ଷାଧିକାରୀଙ୍କ ଅଫିସରେ ପଡି ରହିଥିଲେ ମଧ ସେମାନଙ୍କୁ ପ୍ରଦାନ କରାଯାଉ ନ ଥିବା ପ୍ରତିବାଦ ସଭାରେ ଅଭିଯୋଗ କରାଯାଇଥିଲା। ଦାବିପତ୍ର ଦିଆଯିବା ପରେ ପଦକ୍ଷେପ ନିଆ ନ ଗଲେ ସଂଘ ତରଫରୁ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ବ୍ଲକ ସଂଘର ସମ୍ପାଦିକା ଈଶାଣୀ ଷଡ଼ଙ୍ଗୀ ଏଭଳି ବାରମ୍ବାର ଦାବିପତ୍ର ଦିଆଯିବା ପରେ ମଧ ପ୍ରତିଶ୍ରୁତି ଦିଆଯାଇ ଭୁଆଁ ବୁଲାଯାଉଥିବା କହିଥିଲେ। ପରେ ଏକ ପ୍ରତିନିଧି ଦଳ ବ୍ଲକ ଶିକ୍ଷାଧିକାରିଣୀ ଶୁଭଲକ୍ଷ୍ମୀ ନାୟକଙ୍କ ନିକଟକୁ ଯାଇ ୧୨ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସଂଘର କୋଷାଧକ୍ଷ ନିରୋଦ, ସହ ସମ୍ପାଦିକା ଶକୁନ୍ତଳା ମହାନ୍ତି ଓ ସମ୍ପାଦିକା କଣ୍ଢେଇ ମହାନ୍ତି ପ୍ରମୁଖ ସଦସ୍ୟାମାନେ ସହଯୋଗ କରିଥିଲେ।

# କେନାଲ ଖୋଳାରେ ନିୟୋଜିତ ଶ୍ରମିକଙ୍କ ମୃତ୍ୟୁ, ଜଣେ ଗୁରୁତର

**ସୋର, ୨୬।୫(ଡି.ଏନ.ଏ.)**

ସୋର ଥାନା ଅଧୀନ ସିଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ସାପଗଡ଼ିଆ ଶାସନ ନିକଟ ବିଲ ମଝିରେ ରବିବାର କେନାଲ ଖୋଳୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଏବେ ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଅଞ୍ଚଳ ଦେଇ ଯାଇଥିବା କେନାଲ ଖୋଳାରେ କେଉଁଝର ଜିଲାରୁ କେତେକ ଶ୍ରମିକ ନିୟୋଜିତ ଅଛନ୍ତି। ସ୍ଥାନୀୟ ଲୋକେ ବିଲ ମଝିରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ମୃତ ଓ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଠାବ କରି କେନାଲ ଖୋଳୁଥିବା ଠିକା କମ୍ପାନୀ ଲୋକଙ୍କୁ ଖବର ଦେଇଥିଲେ। ଗୁରୁତର ଥିବା ଜଣକୁ ଏବେ ସୋର ଡାକ୍ତରଖାନାକୁ ପଠାଯାଇଥିବା ବେଳେ ଶ୍ରମିକଙ୍କ ମୃତଦେହକୁ ସ୍ଥାନୀୟ ଲୋକେ ଜଗି ରହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ବେଳେ ଏହି ଦୁଇ ଜଣଙ୍କ ପରିଚୟ ମିଳିପାରିନି।

## ମୁଢ଼ି ଭଜା ହାଣ୍ଡିରେ ପାଣି ଢାଳିଦେବାରୁ ମହିଳା ଗୁରୁତର

**ବାଲିଆପାଳ, ୨୬।୫(ଡି.ଏନ.ଏ.)**

ବାଲିଆପାଳ ଥାନା ଚୌଧୁରୀକୁଦ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମର ଜାନକୀ ମହାନ୍ତି ନାମ୍ନୀ ମହିଳା ମୁଢ଼ି ଭାଜୁଥିବା ବେଳେ ପଡୋଶୀ ଘରେ ଧୂଆଁ ପଶିଯାଇଥିଲା। ଏଥିରେ ପଡୋଶୀ ଘରର ସୁକାନ୍ତି ମହାନ୍ତି ନାମ୍ନୀ ମହିଳା ଉତ୍ତ୍ୟକ୍ତ ହୋଇ ଆସି ମୁଢ଼ି ଭଜା ହାଣ୍ଡିରେ ପାଣି ଢାଳି ଦେଇଥିଲେ। ହାଣ୍ଡି ଗରମ ଥିବାରୁ ସେଥିରେ ଥିବା ଗରମ ବାଲି ଏବଂ ପାଣି ଜାନକୀଙ୍କ ଉପରକୁ ଛିଟିକି ପଡ଼ିଥିଲା। ସେଥିରେ ତାଙ୍କ ମୁହଁ, ହାତ ଏବଂ ଛାତି ପୋଡ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଜାନକୀଙ୍କ ସ୍ୱାମୀ କମଳୋଚନ ମହାନ୍ତିଙ୍କ ଅଭିଯୋଗକ୍ରମେ ବାଲିଆପାଳ ଥାନାରେ ମାମଲା(ନଂ. ୭୯/୧୯) ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଜଗନ୍ନାଥ ମନ୍ଦିରର ବାର୍ଷିକୋତ୍ସବ, ସମ୍ବର୍ଦ୍ଧନା ସଭା

**ସୋର, ୨୬।୫(ଡି.ଏନ.ଏ.)**

ସୋର ବ୍ଲକ ଅନନ୍ତପୁର ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରର ୫ମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ଟ୍ରଷ୍ଟ ତରଫରୁ ସ୍ଥାନୀୟ ଅଞ୍ଚଳର ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ବାର୍ଷିକୋତ୍ସବ ଉପଲକ୍ଷେ ଭକ୍ତ ଶତାଧିକ ମହିଳା ଓ ପୁରୁଷ ମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ହୋଇଥିଲା। ପରେ ପୂଜାର୍ଚ୍ଚନା ହେବା ସହିତ ଗୀତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ଚାରିଟେବୁଲ ଆଣ୍ଡ ରିଲିଜିୟସ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ ସଭା ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ଟ୍ରଷ୍ଟ ଚେୟାରମ୍ୟାନ ନିତ୍ୟାନନ୍ଦ କର ସଭାପତିତ୍ୱ କରିଥିଲେ। ରଜନୀକାନ୍ତ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ଓ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବସନ୍ତ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଭାଗିରଥି ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମତ ଭାଗବତ ପ୍ରଜ୍ଞାପୀଠ ପୁରସ୍ତମ କ୍ଷେତ୍ରର ମହନ୍ତ ବଂଶୀଧର ରାଉତ, ଉପେନ୍ଦ୍ର ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ ପ୍ରସାଦ ସାହୁ, ନୃସିଂହ ଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅରୂପ କୁମାର ପଣ୍ଡା, ବସନ୍ତ କୁମାର କର ଓ ରଜନୀ କାନ୍ତ ପାଣିଗ୍ରାହୀ ମାନପତ୍ର ପାଠ କରିଥିଲେ। ଏଥିରେ ୨୦୧୯ ମାଟ୍ରିକ୍ ପରୀକ୍ଷରେ ସୋର ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶର୍ମିଷ୍ଠା ନାଥ ଓ ରେଳ ବିକାଶ ସମିତର ଜେନେରାଲ ମ୍ୟାନେଜର ପ୍ରଦୀପ କୁମାର ଦାସ, ଆଇଆରଏଏସ ଓ ଇନ୍‌କମ୍ ଟ୍ୟାକ୍ସ ବିଭାଗର ମୁଖ୍ୟ କମିଶନର ଦେବେନ୍ଦ୍ର ନାରାୟଣ କରଙ୍କୁ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଉଚ୍ଚବିଦ୍ୟାଳୟ ଓ ସୈନିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନେ ପୃଥକ ଭାବେ ସମ୍ବର୍ଦ୍ଧିତ କରିଥିଲେ। ବିରଞ୍ଚି ପଣ୍ଡା, ସୁଧାଂଶୁ କର, ପ୍ରବୀର କର, ଲକ୍ଷ୍ମଣ ପାତ୍ର, ଜଗନ୍ନାଥ ଶଙ୍ଖୁଆ, ନରହରି ନାୟକ, ଅମୃତାଂଶୁ କର ଓ ଚିତ୍ତରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ।



ସଭାରେ ଛାତ୍ରୀ ଶର୍ମିଷ୍ଠାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୨୮ରେ ବ୍ରହ୍ମଯଜ୍ଞ

**ଖଇରା, ୨୬।୫(ଡି.ଏନ.ଏ.)**

ପ୍ରତ୍ୟେକ ବର୍ଷ ପରି ଜୀବଜଗତର କଲ୍ୟାଣ, ପରିବେଶ ସନ୍ତୁଳନ ଓ ବ୍ରହ୍ମଶକ୍ତିର ଉତ୍‌ଥାନ ଉଦ୍ଦେଶ୍ୟରେ ଚଳିତବର୍ଷ ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ଅଧୀନ ଶିରିପୁରଠାରେ ୨୮ତାରିଖରେ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ବ୍ରହ୍ମଯଜ୍ଞ କମିଟି ଓ ଆଞ୍ଚଳିକ ବ୍ରାହ୍ମଣ କମିଟି ଆନୁକୂଲ୍ୟରେ ବ୍ୟାପକ ଆୟୋଜନ ଆରମ୍ଭ ହୋଇଛି। ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଜିଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାର ପଣ୍ଡିତ ଓ ଆଚାର୍ଯ୍ୟମାନେ ଯୋଗଦେବାର କାର୍ଯ୍ୟକ୍ରମ ଅଛି। ଏହାଛଡା ଧର୍ମ ମହାସଭା, ନିଶୁଳ୍କ ବ୍ରତ ଓ ବିବାହ କରାଯିବାର ଯୋଜନା ରହିଛି। ଏଥିନିମନ୍ତେ ରବିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଖଇରା ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ବ୍ରାହ୍ମଣ ସମିତି ସଭାପତି ଜଳଧର ମିଶ୍ର ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ସମ୍ପାଦକ ରମାକାନ୍ତ ଶତପଥୀ, କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ଅନନ୍ତ ପ୍ରସାଦ ଦାଶ, କେଶବ ଚନ୍ଦ୍ର ପଣ୍ଡା, ଯଜ୍ଞ କମିଟି ସଭାପତି ବିଷ୍ଣୁମୋହନ ଶତପଥୀ, ଉପଦେଷ୍ଟା ରଘୁନାଥ ପାଢୀ, ପର୍ଶୁରାମ ଶତପଥୀ, କାର୍ଯ୍ୟକାରୀ ସଦସ୍ୟ ବିଦ୍ୟାଧର ପାଢୀ, ମୁକ୍ତିକାନ୍ତ ପାଢୀ ଓ ବ୍ରଜକିଶୋର ଶତପଥୀ ପ୍ରମୁଖ ଯୋଗଦେଇ ଯଜ୍ଞର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ବ୍ରାହ୍ମଣ ସମିତି ଓ ଯଜ୍ଞ ସମିତିର କର୍ମକର୍ତ୍ତା।

## ଆନ୍ତର୍ଜାତିକ ହକର ଓ ପଥ ବିକ୍ରେତା ଦିବସ

# ଉଠାଦୋକାନୀ କଲ୍ୟାଣ ବୋର୍ଡ ଗଠନ ଦାବି

**ବାଲେଶ୍ୱର ଅଫିସ, ୨୬।୫**

ଆନ୍ତର୍ଜାତିକ ହକର ଓ ପଥବିକ୍ରେତା ଦିବସ ପାଳନ ଅବସରରେ ରବିବାର ବାଲେଶ୍ୱର ସହରର ଶତାଧିକ ଉଠାଦୋକାନୀମାନେ ଷ୍ଟେଶନ ଛକସ୍ଥିତ ଜୁବୁଲି ମାର୍କେଟ କମ୍ପ୍ଲେକ୍ସ ପରିସରରେ ଏକ ବୈଠକ ଆୟୋଜନ କରିଥିଲେ। ଓଡ଼ିଶା ପଥବିକ୍ରେତା ସଂଘ ରାଜ୍ୟ ସଭାପତି ଜୟନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ନଗରପାଳ ତପନ ଚକ୍ରବର୍ତ୍ତୀ ଯୋଗଦେଇ ପଥ ବିକ୍ରେତାମାନଙ୍କର ସମସ୍ୟା ଉପରେ ଆଲୋଚନା କରିବା ସହ ସେମାନଙ୍କର ଦାବି ଉପରେ ରାଜ୍ୟ ତଥା କେନ୍ଦ୍ର ସରକାର ବିଚାର କରିବା ଉଚିତ ବୋଲି କହିଥିଲେ।

ଉଠା ଦୋକାନୀମାନଙ୍କର ସାମାଜିକ ନିରାପତ୍ତା ପାଇଁ ପଥବିକ୍ରେତା କଲ୍ୟାଣ ବୋର୍ଡ ଗଠନ କରି ସ୍ୱାସ୍ଥ୍ୟ, ଶିକ୍ଷା, ବିବାହ, ଦୁର୍ଘଟଣା କ୍ଷତିପୂରଣ, ଅବସରପ୍ରାପ୍ତ ପେନସନ ବ୍ୟବସ୍ଥା ପାଇଁ ଦାବି ଉପସ୍ଥାପନ କରିଥିଲେ। ସେହିପରି ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜିନିବେଶକୁ ବିରୋଧ କରିଥିଲେ। ଉଚ୍ଛେଦକାରୀଙ୍କୁ ଥଇଥାନ, ଡିଜିଟାଲ ସର୍ଭେ ଭିତ୍ତିରେ ଉଠାଦୋକାନୀଙ୍କୁ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। 'ପଥବିକ୍ରେତା ଜୀବନ ସୁରକ୍ଷା ଓ ପଥ ବିକ୍ରୟ ବିନିମୟ ଆଇନ-୨୦୧୪' ସଂସଦରେ ସର୍ବସମ୍ମତି ଅନୁମୋଦନ ହୋଇ ଆଇନ ତିଆରି ହୋଇଥିଲେ ମଧ ଓଡ଼ିଶା ସରକାର ଏହି କେନ୍ଦ୍ରୀୟ ଆଇନର ପରିପନ୍ଥୀ ନିୟମାବଳୀ ପ୍ରଣୟନ ନ କରି ଉଠାଦୋକାନୀମାନଙ୍କୁ ଯନ୍ତ୍ରଣା ଦେଉଥିବା ମୁଖ୍ୟବକ୍ତା ଭାବରେ ବରିଷ୍ଠ ଶ୍ରମିକନେତା ଅରୁଣ ଜେନା ପ୍ରକାଶ କରିଥିଲେ। ମଞ୍ଚରେ ପଥ ବିକ୍ରେତା ସଂଘ ବାଲେଶ୍ୱର ଶାଖାର ଉପସଭାପତି ଆବିଦ ଖାନ, ସମ୍ପାଦକ ମୋହିନ ମୋହନ ପରିଡା, ଟାଉନ ଭେଣ୍ଡିଂ କମିଟିର ସଦସ୍ୟ ରାମଚନ୍ଦ୍ର ପରିଡା, ଟିପିରି ସିଂ ଓ ସଂଘର ବରିଷ୍ଠ ସଦସ୍ୟ ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

ସମାଜର ୯୮ଭାଗ ମଣିଷଙ୍କର ଯାବତୀୟ ସାମଗ୍ରୀ ସୁଲଭ ମୂଲ୍ୟର ଯୋଗାଣ ସେବାରେ ନିୟୋଜିତ ଉଠାଦୋକାନୀ, ଦେଶର ସାମଗ୍ରିକ ଅର୍ଥନୈତିକର ଏକ ପ୍ରମୁଖ ଦାୟିତ୍ୱବହନ କରୁଛନ୍ତି। ସହରରେ ସ୍ମାର୍ଟ ସିଟି ଅଥବା ଅମୃତସହର ନିର୍ମାଣ ନାମରେ ଏହି ବର୍ଗର ବ୍ୟବସାୟୀମାନଙ୍କ ଜୀବିକା ଉଚ୍ଛେଦ ପାଇଁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଛନ୍ତି ବୋଲି ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଅଭିରାମ ବାରିକ, ଜୟନ୍ତୀ ଦାସ, ସହଦେବ ମହାନ୍ତି ପ୍ରମୁଖ ସଭାରେ ସହଯୋଗ କରିଥିଲେ।



ସଭାରେ ପଥବିକ୍ରେତା ସଂଘର କର୍ମକର୍ତ୍ତା।

# ସବ୍‌ରେଜିଷ୍ଟ୍ରି ଅଫିସ୍ ସ୍ଥାନାନ୍ତର ଦାବିରେ ଆନ୍ଦୋଳନ

- ୨୦ ନଂ. ଜାତୀୟ ରାଜପଥ, ଯାନବାହନ ଚଳାଚଳ ବ୍ୟାହତ
- ପୋଲିସ, ପ୍ରଶାସନର ହସ୍ତକ୍ଷେପରେ ହଟିଲା ରାସ୍ତାରୋକୋ
- ଜିଲାପାଳଙ୍କ ସହ ପରିଷଦ କର୍ମକର୍ତ୍ତାଙ୍କ ଆଲୋଚନା ମଙ୍ଗଳବାର

ଆନନ୍ଦପୁର,୨୬।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସାଇଁକୁଲଠାରେ କାର୍ଯ୍ୟକାରୀ ହେବାକୁ ଥିବା ସବ୍‌ରେଜିଷ୍ଟ୍ରି ଅଫିସ୍ ଦୀର୍ଘଦିନ ଧରି ଘସିପୁରାଠାରେ ଚାଲୁଛି। ମୂଳସ୍ଥାନ ସାଇଁକୁଲରେ କାର୍ଯ୍ୟାଳୟ ଖୋଲିବା ସକାଶେ ସାଇଁକୁଲ ଉନ୍ନୟନ ପରିଷଦ ଓ ଅଞ୍ଚଳବାସୀ ଦାବି କରି କୌଣସି ସୁଫଳ ନ ପାଇବାରୁ ଶେଷରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ଚଳିତ ମାସ ୨୪ ତାରିଖ ସୁଦ୍ଧା ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନ ପୂର୍ବରୁ ପ୍ରତିଶ୍ରୁତି ଦେଇ ପାଳନ ନ କରିବାରୁ ରବିବାର ସାଇଁକୁଳ ଉନ୍ନୟନ ପରିଷଦ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ଲୋକେ ୨୦ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସାଇଁକୁଲଠାରେ ରାସ୍ତା ଅବରୋଧ କରାଯିବାରୁ ଉଭୟ ପାର୍ଶ୍ୱରେ ଅନେକ ଯାନାବାହନ ଅଟକି ରହିଥିଲା। ଆନନ୍ଦପୁର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାମଚନ୍ଦ୍ରପୁର ପୋଲିସ ରାସ୍ତା ଅବରୋଧ ହଟାଇବା ଲାଗି ପ୍ରୟାସ କରିବା ସହିତ ଉନ୍ନୟନ ପରିଷଦର ୧୦ରୁ ଊର୍ଦ୍ଧ୍ୱ ବରିଷ୍ଠ କର୍ମକର୍ତ୍ତାଙ୍କୁ ଥାନା ନିକଟସ୍ଥ ଫାଣ୍ଡିକୁ ଡାକି ନେଇ ଆଲୋଚନା କରିଥିଲା। ଆସନ୍ତା ମଙ୍ଗଳବାର ଉନ୍ନୟନ ପରିଷଦର ପ୍ରତିନିଧି ଓ ଜିଲାପାଳଙ୍କ ସହିତ ଆଲୋଚନା ହେବା ପରେ ଅଡ଼ିସ ସ୍ଥାନାନ୍ତର ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ପରିଷଦ ପକ୍ଷରୁ କୁହାଯାଇଛି। ଅଞ୍ଚଳବାସୀଙ୍କ ନ୍ୟାଯ୍ୟ ଦାବି ପ୍ରତି ପ୍ରଶାସନିକ ଅଧିକାରୀଙ୍କ ଉଦାସୀନ ମନୋଭାବକୁ ଉନ୍ନୟନ ପରିଷଦ ନାପସନ୍ଦ କରି ତୁରନ୍ତ ପ୍ରତିକାର ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବା ସହ ଅଦାଲତର ଆଶ୍ରୟ ନିଆଯିବ ବୋଲି ପରିଷଦର ସଦସ୍ୟ ଅନନ୍ତ ଚରଣ ସ୍ୱାଇଁ ସୂଚନା ଦେଇଛନ୍ତି।

ପରିଷଦ ପକ୍ଷରୁ କୁହାଯାଇଛି ଯେ, ଘସିପୁରାରୁ ସାଇଁକୁଲକୁ ସବ୍‌ରେଜିଷ୍ଟ୍ରି ଅଫିସ୍ ସ୍ଥାନାନ୍ତର ଦାବି କରି ଗତବର୍ଷ ଏପ୍ରିଲ ୧୮ ତାରିଖରେ ଉଚ୍ଚପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ଗତବର୍ଷ ଜୁନ୍ ୨୬ ତାରିଖରେ କଟକସ୍ଥିତ ବୋର୍ଡ ଅଫ ରେଭିନ୍ୟୁ ପକ୍ଷରୁ ସଂପୃକ୍ତ ଅଫିସ ସାଇଁକୁଲକୁ ୧୫ ଦିନ ମଧ୍ୟରେ ସ୍ଥାନାନ୍ତର କରିବା ସକାଶେ କେନ୍ଦୁଝର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନ ହେବାରୁ ଉନ୍ନୟନ ପରିଷଦ କର୍ମକର୍ତ୍ତା ବିଭିନ୍ନ ସମୟରେ ଜିଲାପାଳ, ଆନନ୍ଦପୁର ଉପଜିଲାପାଳଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ଜଣାଇଥିଲେ। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ନୀରବ ରହିବାରୁ ଗତ ଏପ୍ରିଲ ୧୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ଅନଶନ କରାଯାଇଥିଲା। ସେତେବେଳେ ଏ ଦିଗରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ରେଜିଷ୍ଟ୍ରାର ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପୁନଶ୍ଚ କାର୍ଯ୍ୟକାରୀ ନ ହେବାରୁ ଗତ ୧୫ ତାରିଖରେ ଉନ୍ନୟନ ପରିଷଦ ନେତୃତ୍ୱରେ ସାଇଁକୁଲଠାରେ ୨୦ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ସେତେବେଳେ ଚଳିତ ମାସ ୨୪ ତାରିଖ ସୁଦ୍ଧା ସମାଧାନ ରାସ୍ତା ବାହାର କରାଯିବ ବୋଲି ସ୍ଥାନୀୟ ପ୍ରଶାସନ କହିବାରୁ ରାସ୍ତା ଅବରୋଧ ହଟିଥିଲା। କିନ୍ତୁ ପ୍ରତିଶ୍ରୁତି ନାଁରେ ପ୍ରତାରଣା କରାଯାଇଥିବା ପରିଷଦ ଅଭିଯୋଗ କରି ରବିବାର ୨୦ ନଂ ଜାତୀୟ ରାଜପଥକୁ ସାଇଁକୁଲଠାରେ ଅବରୋଧ କରାଯାଇଥିଲା। ପରିଷଦ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।


ଆନ୍ଦୋଳନକାରୀଙ୍କ ସହ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଉଛି।

## ସଂକ୍ଷେପରେ

### ସର୍ପଦଂଶନରେ ମହିଳାଙ୍କ ମୃତ୍ୟୁ

ପାଟଣା,୨୬।୫( ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଖଡିକାପଦା ପଞ୍ଚାୟତ ଖଡିବେଡା ଗ୍ରାମରେ ରାଇମଣି ପୁର୍ତ୍ତି ନାମ୍ନୀ ଜଣେ ୩୪ ବର୍ଷୀୟ ମହିଳାଙ୍କୁ ଶନିବାର ରାତିରେ ଏକ ଚିତି ସାପ ଦଂଶନ କରିବାରୁ ତାଙ୍କର ମୃତ୍ୟୁ ଘଟିଛି। ରାଇମଣି ପାତର ପୁର୍ତ୍ତିଙ୍କ ସ୍ତ୍ରୀ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଆଣି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ସାହାରପଡା ଫାଣ୍ଡି ଅଧିକାରୀ ମନହୋର ମହାନ୍ତ ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ.୧୨/୧୯) ରୁଜୁକରି କରଞ୍ଜିଆ ଚିକିତ୍ସାଳୟରେ ଶବର ମୃତଦେହକୁ ବ୍ୟବଚ୍ଛେଦ କରିବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଝୁମ୍ପୁରା ମଣ୍ଡଳ ପକ୍ଷରୁ ବିଜୟ ଉତ୍ସବ

ଝୁମ୍ପୁରା, ୨୬।୫ (ଡି.ଏନ.ଏ.): କେନ୍ଦୁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରରେ ଏନଡିଏର ବିଜୟ ନେଇ ୨୫ତାରିଖ ସନ୍ଧ୍ୟାରେ ଭାଜପା ଝୁମ୍ପୁରା ମଣ୍ଡଳ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। ୧୭ନମ୍ବର ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ଏବଂ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଅନିନ୍ଦ୍ୟ ବେହେରାଙ୍କ ତତ୍ତ୍ୱାବଧାନରେ ପାଳିତ ଏହି ଉତ୍ସବରେ ବିଭିନ୍ନ ମଣ୍ଡଳ ସଭାପତି, ସମ୍ପାଦକ, ଭାଜପାର କାର୍ଯ୍ୟକର୍ତ୍ତାଙ୍କ ସମେତ ନବ ନିର୍ବାଚିତ ବିଧାୟକ ମୋହନ ଚରଣ ସାମିଲ ଥିଲେ। କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ନବନିର୍ବାଚିତ ବିଧାୟକ ଗ୍ରାମ ପରିକ୍ରମା କରିଥିଲେ।

### ଦୁଇଟି ସ୍ଥାନରେ ସଡ଼କ ଦୁର୍ଘଟଣା

ଆନନ୍ଦପୁର /ପାଟଣା,୨୬।୫( ସ୍ୱ.ପ୍ର.): କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଗଁପୁର ମନ୍ଦିର ନିକଟ ବରାଙ୍ଗ ରାସ୍ତା ଏବଂ ତୁରୁମୁଙ୍ଗା ଥାନା ଗିଧିବାସ-ବେଲପଶି ରାସ୍ତାରେ ରବିବାର ଦୁଇଟି ସଡ଼କ ଦୁର୍ଘଟଣା ଘଟିଛି। ଗଁପୁର ମନ୍ଦିର ନିକଟ ବରାଙ୍ଗ ରାସ୍ତାରେ ଘଟିଥିବା ଦୁର୍ଘଟଣାରେ ପଦନା ଗ୍ରାମର ଟୁକୁନା ସାହୁ ଗୁରୁତର ଆହତ ହୋଇଛନ୍ତି। ସେ ବାଇକରେ ବରାଙ୍ଗ ଅଭିମୁଖେ ଯାଉଥିବା ସମୟରେ ଟ୍ରକ୍ ଧକ୍କା ଦେଇଥିଲା। ପୋଲିସ ଆହତ ଟୁକୁନାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତାଙ୍କ ଗୋଡ଼ ଭାଙ୍ଗିଯାଇଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ଗିଧିବାସ-ବେଲପଶି ରାସ୍ତାର ବାଙ୍କ ନିକଟରେ ରବିବାର ଅପରାହ୍ନରେ ଏକ କାର ସହ ଅଟୋ ରିକ୍ସାର ଧକ୍କା ହୋଇଛି। କାରଟି ତୁରୁମୁଙ୍ଗା ପାର୍ଶ୍ୱରୁ ଉଖୁଣ୍ଡା ଯାଉଥିବା ବେଳେ ଉଖୁଣ୍ଡା ଆଡୁ ଚାଉଳ ନେଇ ଆସୁଥିବା ଅଟୋ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା । ଏଥିରେ ଅଟୋଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ କାରର ସମ୍ମୁଖ ଭାଗ ଚୁନା ହୋଇଯାଇଛି। ଉଭୟ ଗାଡ଼ିର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତୁରୁମୁଙ୍ଗା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

## ଭାଜପାକୁ ୧୩, ବିଜେଡିକୁ ୪ ପ୍ରତିଶତ ଅଧିକ ଭୋଟ ମିଳିଛି

ପାଟଣା,୨୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲାର ୬ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ କେବଳ କେନ୍ଦୁଝର ବିଧାନସଭା ଆସନକୁ ଛାଡିଦେଲେ ବାକି ୫ଟି ବିଧାନସଭା ଆସନ ସମେତ କେନ୍ଦୁଝର ଲୋକ ସଭା ଆସନକୁ ବିଜେଡି ଅକ୍ତିଆର କରିଛି। ବୃତାନ୍ତ ଫଳାଫଳ ଅନୁଯାୟୀ ଲୋକ ସଭା ଆସନରେ ବିଜେଡିର ଚନ୍ଦ୍ରାଣୀ ମୁର୍ମୁ ମୋଟ ୫୨୫୮୮୬ ଖଣ୍ଡ ଭୋଟ ପାଇଥିବା ବେଳ ଭାଜପାର ଅନନ୍ତ ନାୟକ ୪୫୮୦୬୪ ଖଣ୍ଡ ଭୋଟ ପାଇଛନ୍ତି। ଫଳରେ ଚନ୍ଦ୍ରାଣୀ ୬୭୮୨୨ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅନନ୍ତଙ୍କୁ ପରାସ୍ତ କରିଛନ୍ତି। ଏଥର ବିଜେଡି ୪୪.୭୫ ପ୍ରତିଶତ ଭୋଟ ପାଇ ଥିବାବେଳେ ଭାଜପା ୩୯.୧୨ପ୍ରତିଶତ ଭୋଟ ପାଇଛି। ୨୦୧୪ ନିର୍ବାଚନ ତୁଳନାରେ ଭାଜପାକୁ ଏଥର ୧୩ ପ୍ରତିଶତ ଅଧିକ ଭୋଟ ମିଳିଛି। ବିଜେଡି ମଧ ଏଥର ୪ ପ୍ରତିଶତ ଅଧିକ ଭୋଟ ପାଇଛି। ପୋଷ୍ଟାଲ ଭୋଟ ମୋଟ ୨୬୩୮ ମଧ୍ୟରୁ ବିଜେଡି ସର୍ବାଧିକ ଭୋଟ ପାଇଛି। ଏସମ୍ପର୍କରେ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତଙ୍କୁ ପଚାରିବାରୁ ସେ କହିଛନ୍ତି, ସବୁ ବିଧାନସଭା ଆସନରେ ଆମ ପ୍ରାର୍ଥୀ କଡ଼ା ଟକ୍କର ଦେଇଛନ୍ତି। ବିଜେଡି କେତେକ ନୂଆମୁହଁ ଦେଇଥିବାରୁ ସେମାନଙ୍କର ବିଜୟ ସହଜ ସାଧ ହୋଇଛି।

## ରାଇସୁଆଁରେ ମହିମା ମେଳା


ମହିମା ମେଳାରେ ଯୋଗ ଦେଇଥିବା ଭଜନ ଦଳ।

କେନ୍ଦୁଝର, ୨୬।୫ (ଡି.ଏନ୍.ଏ.): କେନ୍ଦୁଝର ସଦର ବ୍ଲକ ରାଇସୁଆଁ ହରିଜନ ବସ୍ତିଠାରେ ଦିନିକିଆ ମହିମାମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ କୌପନୀଧାରୀ ସମାଜର ସାଧୁ ଯଶୋବନ୍ତ ଦାସ ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ଯଜ୍ଞାରମ୍ଭ କରିଥିଲେ। ଯଜ୍ଞ ଅବସରରେ କାଶିପାଳ, ବନେଇକଳା ଏବଂ ଆମ୍ବଆପଶି ଭଜନ ଦଳ ଯୋଗଦେଇ ସନ୍ଥକବି ଭୀମଭୋଇଙ୍କ ସ୍ୱରଚିତ ଭଜନ ଗାନ କରିଥିଲେ। କର୍ତ୍ତା ଶରତ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ଅଂଶୁଘାତରେ ୩ ଗୋରୁ ମୃତ

ପାଟଣା,୨୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଚେମେଣା ପଞ୍ଚାୟତ ସରାସପଶି ଗ୍ରାମରେ ଦୁଇଦିନ ବ୍ୟବଧାନରେ ୨ଟି ବଳଦ ଓ ଗୋଟିଏ ଗାଈର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗ୍ରାମର ହରିହର ମହାନ୍ତଙ୍କ ଗୋଟିଏ ବଳଦ ଓ ଗୋଟିଏ ଗାଈର ମୃତ୍ୟୁ ଘଟିଥିବାବେଳେ ହୃଷୀକେଶ ମହାନ୍ତଙ୍କର ଗୋଟିଏ ବଳଦର ମୃତ୍ୟୁ ଘଟିଛି । ଗାଈ ମାଲିକଙ୍କ ସୂଚନା ମୁତାବକ ପ୍ରଥମେ ବଳଦମାନେ ଗରମ ଓ ଖରା ତାତି ସହି ନ ପାରି ଥରିବା ଆରମ୍ଭ କରିଥିଲେ। ପରେ ସେମାନଙ୍କ ନାକ ଓ ପାଟିରୁ ରକ୍ତ ବାହାରି ଅଳ୍ପ ସମୟ ମଧ୍ୟରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଖବର ପାଇବା ପରେ ପ୍ରାଣୀଧନ ବିଭାଗ ତରଫରୁ ରବିବାର ଭ୍ରାମ୍ୟମାଣ ଗାଡ଼ି ସରାସପଶି ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳରେ ବୁଲି ଲୋକଙ୍କୁ ସଚେତନ କରାଇଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ବଳଦମାନଙ୍କର ଅଂଶୁଘାତଜନିତ ମୃତ୍ୟୁ ଘଟୁଥିବା ଅନୁମାନ କରାଯାଉଛି ବୋଲି ପ୍ରାଣୀଧନ ବିଭାଗ ଅଧିକାରୀ ଡ. ସସ୍ମିତା ପଣ୍ଡା କହିଛନ୍ତି।

## ବିସ୍ତାପାଳରେ ଏଥର ଜମିବ ରଜ ଉତ୍ସବ


ରଜ ପାଇଁ ବସିଥିବା ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି।

କେନ୍ଦୁଝର, ୨୬।୫ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବିସ୍ତାପାଳ ଗ୍ରାମରେ ରଜ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ସହ ଧୁମ୍‌ଧାମରେ ପାଳନ କରିବା ଲାଗି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ପାର୍ବତୀ ପୀଠ ସ୍ଥଳରେ ଆୟୋଜକ ମା' ପାର୍ବତୀମାଳ କମିଟିର କର୍ମକର୍ତ୍ତା ବୈଠକରେ ମିଳିତ ହୋଇ ଆଲୋଚନା କରିଥିଲେ। ଆସନ୍ତା ଜୁନ ୧୪ ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ଏହି ରଜ ମହୋତ୍ସବ ପାଳିତ ହେବ। ଏଥିରେ ବିଭିନ୍ନ ପ୍ରତିଯୋଗିତା କରାଯିବ। ମହୋତ୍ସବରେ ଆଞ୍ଚଳିକ ସାଂସ୍କୃତିକ ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ରଜ ପର୍ବର ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସକାଶେ ଏହି ମହୋତ୍ସବକୁ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବୈଠକରେ ଆଲୋକପାତ କରାଯାଇଥିଲା।

ଚଳିତ ବର୍ଷ ଆୟୋଜିତ କାର୍ଯ୍ୟକ୍ରମରେ ବିରାଟ ଖାଇଦୋଳି ତଥା ଅନ୍ୟାନ୍ୟ ଛୋଟ ଛୋଟ ଦୋଳି ନିର୍ମାଣ କରାଯିବ ଯାହାକି ସବୁ ବର୍ଗର ଲୋକଙ୍କ ଲାଗି ଆକର୍ଷଣ ରହିବ। କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତିଦିନ ଅପରାହ୍ନଠାରୁ ବିଭିନ୍ନ ପ୍ରକାର ନାଚ ଗୀତ ସାଙ୍ଗକୁ ବିଭିନ୍ନ ଭାଷାରେ ଦୋଳିଗୀତ, ଶଙ୍ଖଫୁଙ୍କା, ମ୍ୟୁଜିକ ଚେୟାର, ଝୋଟି ପ୍ରତିଯୋଗିତା, ବାଦ୍ୟଯନ୍ତ୍ର, କମେଡି , ମନୋଡ୍ରାମା ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ଥାନୀୟ କଳାକାରମାନଙ୍କ ସହଯୋଗରେ "କଳିଯୁଗର ଏ ନୂଆ କାହାଣୀ" ନାଟକ ପରିବେଷଣ କରାଯିବ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ଶିକ୍ଷାବିତ୍, ସମାଜସେବୀ ଓ ମହିମାଭକ୍ତଙ୍କ ସମାଗମ ହେବ। ଏଥିସହ ବିଭିନ୍ନ କାର୍ଯ୍ୟକ୍ରମରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରସ୍ତୁତି ବୈଠକରେ ସ୍ଥାନୀୟ ନୂଆଗାଁର ଜଗନ୍ନାଥ ମହାନ୍ତ, ହାତୀକୁଚାର ଦିଲୀପ ମହାନ୍ତ, ଭାଗୀରଥି ମହାନ୍ତ, ଉମେଶ ପ୍ରଧାନ, ଡିମିରିଡିହାର ଦିଲୀପ ବେହେରା, ଜାମୁଡିହାର ଲୁଲୁ କୁଅଁର ଏବଂ ପ୍ରେମାନନ୍ଦ ସିଂ ରଘୁମଣି ନାଏକ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଭୁବନାନନ୍ଦ ପବ୍ଲିକ ସ୍କୁଲ ପୁଟୁଳିଆ, ପଦ୍ମପୁର ସହଯୋଗରେ ଏହି ବୈଠକ ହୋଇଥିଲା।

## ସମ୍ବର୍ଦ୍ଧିତ ହେଲେ ଆଶା କର୍ମୀ


ଆଶାକର୍ମୀ ନିରାଶ ପାତ୍ରଙ୍କୁ ଉପହାର ପ୍ରଦାନ କରାଯାଉଛି।

କେନ୍ଦୁଝର, ୨୬।୫ (ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପଳାଶପଙ୍ଗା ସେକ୍ଟର ସରାସକେଲା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀ ନିରାଶ ପାତ୍ର ଦୁଇଜଣ ଗର୍ଭବତୀ ମା'ଙ୍କୁ ୩ମାସ ଅନ୍ତରରେ ୨ ଥର ରକ୍ତଦାନ କରି ପୁରସ୍କୃତ ହୋଇଛନ୍ତି। ଉଭୟ ମା ଓ ଶିଶୁଙ୍କ ଜୀବନ ବଞ୍ଚାଇପାରିଥିବାରୁ ରବିବାର ପଳାଶପଙ୍ଗା ସେକ୍ଟର ବୈଠକରେ ରବିବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିରାଶଙ୍କ ଘର ଟାଙ୍ଗରାଣୀ ଗ୍ରାମରେ । ବୈଠକରେ ଡ. ପ୍ରିୟବ୍ରତ ରାଉତ ଶମ୍ଭୁନାଥ ଗିରି ଶକୁନ୍ତଳା ମହାନ୍ତ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତଜ୍ଞତା ଜଣାଇଥିଲେ। ଉକ୍ତ ସଭାରେ ଅମିୟ ମହାନ୍ତ, ସନ୍ତୋଷ ପ୍ରଧାନଙ୍କ ସମେତ ସମସ୍ତ ଏଏନଏମ ଓ ଆଶା କର୍ମୀ ଉପସ୍ଥିତ ଥିଲେ।

## ୭ ବର୍ଷ ହେବ ହୋଇପାରୁନି ପାନୀୟ ଜଳ ଯୋଗାଣ

ଚମ୍ପୁଆ,୨୬।୫(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ଭଣ୍ଡା ପଞ୍ଚାୟତରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୨୦୧୨ରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଏଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଫଳରେ ବିଶୁଦ୍ଧ ପାନୀୟ ଜଳ ପାଇବାକୁ ଦୀର୍ଘ ୭ ବର୍ଷ ଅପେକ୍ଷା କରି ଅଞ୍ଚଳବାସୀ ନିରାଶ ହୋଇଛନ୍ତି। ଏଥର ଟାଣ ଖରା ଓ ଜଳକଷ୍ଟ ପରିସ୍ଥିତି ଦେଖାଦେବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଉଲ୍ଲେଖନୀୟ ଯେ, ଭଣ୍ଡା ଗାଁର ତଳସାହି, ମଝିସାହି, ବାଙ୍କିସାହି, ମୁଣ୍ଡାସାହି, ଡାଙ୍ଗୁଆନାଳି ସାହି ଓ କଂସରା (ଖ)ର ବେହେରା ସାହିକୁ ପାନୀୟ ଜଳ ଯୋଗାଣ ଲାଗି ୨୦୧୨ରେ ତତ୍କାଳୀନ ସରପଞ୍ଚଙ୍କ ଉଦ୍ୟମକ୍ରମେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମେର୍ମେଦା ନଈ ନିକଟରେ ଗଭୀର କୂପ ଖୋଳାଯାଇ ପାଇପ ମାଧ୍ୟମରେ ଜଳ ଯୋଗାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେ ଏହି ଯୋଜନା ଫେଲ୍ ମାରିଥିଲା। ୨୦୧୪-୧୫ରେ ପାନୀୟ ଜଳ ଯୋଗାଣ ଲାଗି ଭଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୪୦ ହଜାର ଲିଟର ବିଶିଷ୍ଟ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ କରାଯାଇଥିଲା। ଏହା ମଧ୍ୟରେ ପ୍ରକଳ୍ପ ନିର୍ମାଣ ସରିଯାଇଥିଲେ ମଧ ପ୍ରଶାସନିକ ତତ୍ପରତା ଅଭାବରୁ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ମିଳି ପାରି ନାହିଁ । ଲୋକେ ଜଳକଷ୍ଟର ଶିକାର ହେଉଛନ୍ତି।

## ଅସହ୍ୟ ଗରମକୁ ବିଜୁଳି କାଟ୍: ଜନଜୀବନ ଅସ୍ତବ୍ୟସ୍ତ

ବଡବିଲ, ୨୬।୫(ସ୍ୱ.ପ୍ର.): କେନ୍ଦୁଝର ଜିଲାର ପାହାଡ ଘେରା ବଡବିଲ ଅଞ୍ଚଳରେ ଅତ୍ୟଧିକ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଦିନର ତାପମାତ୍ରା ପ୍ରାୟ ୪୧ ଡିଗ୍ରୀ ରହୁଛି। ସକାଳ ୮ ଟା ବେଳକୁ ଟାଣ ଖରା ଅନୁଭୂତ ହେଉଛି। ରାତି ୭ଟା ପର୍ଯ୍ୟନ୍ତ ତାତି କମୁ ନାହିଁ। ଏଭଳି ଅସହ୍ୟ ଗରମ ସ୍ଥିତିରେ ଘନ ଘନ ବିଜୁଳିକାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ମଧ୍ୟାହ୍ନ ସମୟରେ ରାସ୍ତା ସମ୍ପୂର୍ଣ୍ଣ ଶୂନଶାନ ହୋଇ ଯାଉଛି।

## ହୋ ଭାଷା ଶିକ୍ଷା କାର୍ଯ୍ୟକ୍ରମ ଲାଗି ଶିକ୍ଷକ ଚୟନ


ହୋ ସମାଜ ମହାସଭା ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

କେନ୍ଦୁଝର,୨୬।୫(ସ୍ୱ.ପ୍ର.)

ଆଦିବାସୀ ହୋ ସମାଜ ମହାସଭା ତରଫରୁ କେନ୍ଦୁଝର ଜିଲାର ପ୍ରତି ବ୍ଲକରେ ଟ୍ରାଇବାଲ୍ କଲଚୁଲାର୍ ସୋସାଇଟି ସହାୟତାରେ ହୋ ଭାଷା ଶିକ୍ଷାନୁଷ୍ଠାନ 'ତୁର୍ତୁଙ୍ଗ' ଖୋଲାଯାଇଛି । ହୋ ଭାଷାରେ ଶିକ୍ଷାଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ରବିବାର ଏକ ଜରୁରୀ ବୈଠକ କେନ୍ଦୁଝର ସ୍ଥିତ ଏକ ହୋଟେଲର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀଶିକ୍ଷକ ଚୟନ କରାଯାଇଥିଲା। ବୈଠକରେ ସାମାଜିକ କର୍ମୀ ଡବର ମୁଣ୍ଡା, ଆଦିବାସୀ ହୋ ସମାଜ ମହାସଭାର ରାଜ୍ୟ ଆବାହକ ମନୋରଞ୍ଜନ ତିରିଆ, କେନ୍ଦୁଝର ଜିଲା ସମ୍ପାଦକ ଗୌରଚନ୍ଦ୍ର ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦୁଝର ଜିଲାରେ ବସବାସ କରୁଥିବା ହୋ ଭାଷାଭାଷୀଙ୍କ ସାମାଜିକ, ଶିକ୍ଷା ଓ ଆର୍ଥିକ ବିକାଶ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଆସନ୍ତା ଜୁନ୍ ୨୯ ତାରିଖରେ ୱାରାଂଚିତି ଲିପିର ପ୍ରଣେତା ଗୁରୁ ଲାକୋ ବଦ୍ରାଙ୍କ ପୁଣ୍ୟତିଥି ପାଳନ ନିମନ୍ତେ ମଧ ଆଲୋଚନା କରାଯାଇଥିଲା। ଅତିବୁଦ୍ଧିପଡ଼ାଠାରେ ଚଳିତ ବର୍ଷ ତାଙ୍କର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ନଳିନୀ ମୁଣ୍ଡା, ନିରାଶ ମୁଣ୍ଡା, ହିରଣ୍ୟ ମୁଣ୍ଡା, ସରୋଜ କୁମାର ବାନରା, ଲକ୍ଷ୍ମୀପ୍ରିୟା ମୁଣ୍ଡା, ବିରସିଂ ମୁଣ୍ଡା, ରାଜେଶ କୁମାର ମୁଣ୍ଡା, ଗୀତା ସାୟାଁ, ପାତର ଦେଓଗାମ୍, ସମରା ମୁଣ୍ଡା, ତୁସୀଲ ମୁଣ୍ଡା, ପାଙ୍ଗେଲା ସୋଏ, ମୁକୁନ୍ଦ ଲୁଗୁନ୍, ପଦ୍ମଲୋଚନ ମୁଣ୍ଡା, ପଦ୍ମଲୋଚନ ମୁଣ୍ଡା, ଦାମୋଦର ମୁଣ୍ଡା, ମଙ୍ଗଲ ମୁଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଆବାସ ଯୋଜନାରେ ନିର୍ମାଣ କାର୍ଯ୍ୟ ମନ୍ଥର

- ସମୀକ୍ଷା ବୈଠକରେ କ୍ଷୋଭ
- ୩୧ରୁ ୧୪ ପଞ୍ଚାୟତକୁ ତାଗିଦା
- ଜିଆରଏସ, ପିଇଓଙ୍କୁ କୈଫିୟତ ତଲବ

ହାଟଡିହୀ, ୨୬।୫ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଇନ୍ଦିରାଆବାସ ଓ ବିଜୁ ପକ୍କାଘର ନିର୍ମାଣ କାର୍ଯ୍ୟରେ ମନ୍ଥରତା ଲାଗିରହିଛି। ବ୍ଲକ ଅଧୀନ ୩୧ ପଞ୍ଚାୟତ ମଧ୍ୟରୁ ୧୪ ପଞ୍ଚାୟତରେ ନିର୍ମାଣ କାର୍ଯ୍ୟ ପଛରେ ପଡିଥିବାରୁ ବିଡିଓ ସୁଶାନ୍ତ କୁମାର ବାରିକ ଅସନ୍ତୋଷ ପ୍ରକାଶ କରି ସମ୍ପୃକ୍ତ ପଞ୍ଚାୟତକୁ ତାଗିଦ୍ କରିଛନ୍ତି। ଶନିବାର ଏଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ବୈଠକରେ ବିଡିଓ ବାରିକ ସରକାରୀ ବାସଗୃହ ନିର୍ମାଣ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଶାଳଣିଆଁ, ସୁଲଣ, ଆଇଟିପୁର, ବଡ଼ରମ୍ପାସ, ବଞ୍ଚୋ, ଡଅଁର, ହାବଲେଶ୍ୱର, ହାଟଡିହୀ, ଇଞ୍ଚୋଳ, ଜମ୍ବିରା, କଳିଗାଁ, ମରିଗାଁ, ପଞ୍ଚୁଗୋଛିଆ, ପନ୍ଦାଡ଼ୋ ପ୍ରଭୃତି ପଞ୍ଚାୟତରେ ଗୃହ ନିର୍ମାଣ କାର୍ଯ୍ୟର ଅଗ୍ରଗତି ହୋଇ ନ ଥିବା ଜଣାପଡ଼ିଥିଲା। ଏ ନେଇ ସଂପୃକ୍ତ ପଞ୍ଚାୟତଗୁଡ଼ିକର ଜିଆରଏସ, ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ବ୍ଲକ ପ୍ରଶାସନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛି।


ବିଡିଓ ନିର୍ମାଣାଧୀନ ଗୃହ ବୁଲି ଦେଖୁଛନ୍ତି।

ଏହି ବ୍ଲକ ଅଧୀନ ୨୨ ପଞ୍ଚାୟତରେ ମୋଟ ୫୫୮୧ ଗୃହ ନିର୍ମାଣ ଲାଗି ପ୍ରଥମ କିସ୍ତି ଓ ୫୨୨୧ ଗୃହ ଲାଗି ୨ୟ କିସ୍ତି, ୪୯୯୬ ଗୃହଲାଗି ୩ୟ କିସ୍ତି ଏବଂ ୪୨୯୪ଗୃହ ନିର୍ମାଣ ଲାଗି ୪ର୍ଥ କିସ୍ତି ଅନୁଦାନ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୩୬୦ଟି ଗୃହର ନିର୍ମାଣ କାର୍ଯ୍ୟ ଆଦୌ ହୋଇନି । ୪୧୧ ଗୃହ କାର୍ଯ୍ୟ ଛାତ ଲେବୁଲ ପର୍ଯ୍ୟନ୍ତ ହୋଇଛି । ତେବେ ୪୫୭୧ଟି ଗୃହ ନିର୍ମାଣ ଶେଷ ହୋଇଛି। ଟାର୍ଗେଟ ଅନୁସାରେ ଗୃହ ନିର୍ମାଣ କାର୍ଯ୍ୟ ହୋଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏହି ଅବସରରେ ବିଡିଓ କେତେକ ସ୍ଥାନକୁ ଯାଇ ଗୃହନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ।

## ସଂକ୍ଷେପରେ

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବାସୁଦେବପୁର, ୨୬।୫ (ଡି.ଏନ.ଏ.)-** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ତେନ୍ତୁଳିଆ ଗ୍ରାମର ଏକ ପୋଖରୀରୁ ରତ୍ନାକର କର ନାମକ ଜଣେ ବୃଦ୍ଧଙ୍କ ମୃତଦେହ ରବିବାର ପୋଲିସ ଉଦ୍ଧାର କରିଛି। ମୃତ ରତ୍ନାକରଙ୍କ ଘର ତେନ୍ତୁଳିଆ ଗ୍ରାମରେ। ଶୌଚ ହେବାକୁ ଆସି ସେ ପୋଖରୀରେ ପଡ଼ିଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ ପରେ ଏକ ଅପମୃତ୍ୟୁ ମାମଲା (ନଂ. ୧୭/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

### ନିର୍ବାଚନ ଫଳାଫଳ ଘୋଷଣା ପରେ ଗଣ୍ଡଗୋଳ ଘଟଣା

### ଥାନାରେ ୨ ମାମଲା ରୁଜୁ

**ଭଣ୍ଡାରିପୋଖରୀ, ୨୬।୫ (ଡି.ଏନ.ଏ.)-** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମାଳଦା ପଞ୍ଚାୟତ ଜଳହରୀ ଶାରଣାଠାରେ ଗତ ୨୩ ତାରିଖ ରାତିରେ ନିର୍ବାଚନ ଫଳାଫଳ ଘୋଷଣା ପରେ ଗଣ୍ଡଗୋଳ ଘଟଣାରେ ଥାନାରେ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଛି। ଗ୍ରାମର ଚନ୍ଦ୍ରମଣି ପଲେଇ ଅଭିଯୋଗ କରିଛନ୍ତି ଯେ, ସେ ଓ ଗ୍ରାମର ପର୍ଶୁରାମ ପଲେଇ କଥା ହେଉଥିଲେ। ଏହି ସମୟରେ ୨ଟି ବାଇକ୍‌ରେ ବାପି ଜେନା, ପପୁ ଜେନା, ଖଗେଶ୍ୱର ବେହେରା, ପ୍ରହ୍ଲାଦ ବେହେରା, କାଳନ୍ଦୀ ବେହେରା ଆସି ପାଟିତୁଣ୍ଡ କରିବା ସହ ସେମାନଙ୍କୁ ମାଡ଼ଧର କରିଥିଲେ। ଏଥିରେ ସେମାନେ ଆହତ ହୋଇଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୮୪/୧୯) ରୁଜୁ କରିଛି। ସେହିପରି ଜଳହରୀ ଶାରଣା ଗ୍ରାମର କନକ ଜେନା ଅଭିଯୋଗ କରିଛନ୍ତି, ଶାରଣା ପାଲା ମଣ୍ଡପ ରାସ୍ତା ଦେଇ ତାଙ୍କର ଦୁଇପୁଅ ବାପି ଓ ପପୁ ଔଷଧ ପାଇଁ ଯାଉଥିଲେ। ଚନ୍ଦ୍ରମଣି ଓ ପର୍ଶୁରାମ ସେମାନଙ୍କୁ ଅଟକାଇ ମାରଧର କରିଥିଲେ। ଏଥିରେ ବାପି ଓ ପପୁ ଆହତ ମଧ୍ୟ ହୋଇଛନ୍ତି। କନକଙ୍କ ଅଭିଯୋଗ କ୍ରମେ ପୋଲିସ ପର୍ଶୁରାମ ଓ ଚନ୍ଦ୍ରମଣିଙ୍କ ନାମରେ ଅନ୍ୟ ଏକ ମାମଲା(ନଂ.୮୫/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଶିଶୁ ସୁରକ୍ଷା ନେଇ କାର୍ଯ୍ୟକ୍ରମ

**କପ୍ତିପଦା,୨୬।୫(ଡି.ଏନ୍.ଏ)-** କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ନିମନ୍ତେ ଗ୍ରାମ ପଞ୍ଚାୟତ ଓ ଗ୍ରାମ କମିଟି ସଦସ୍ୟଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମୀୟ ରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଆରମ୍ଭ ପ୍ଲାନ୍‌ର ସଭାପତି ଚିନ୍ତାମଣି ମହାକୁଡ଼ ଅଧ୍ୟକ୍ଷତା କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ନରେନ୍ଦ୍ରନାଥ ସି, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଜୀବନକୃଷ୍ଣ ବେହେରା, ଆଇସିଡିଏସ୍ ସୁପରଭାଇଜର ସୁଜାତା ବେହେରା, ଆରମ୍ଭ ପ୍ଲାନ୍‌ର ପ୍ରୋଗ୍ରାମ ଅଫିସର ରଣଜିତ ଲେଙ୍କା, କଲ୍ୟାଣୀ ରାଜ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ବିଭିନ୍ନ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ସଦସ୍ୟ ଯୋଗଦେଇ ଗୀତ, ନୃତ୍ୟ ଓ ଅଭିନୟ ପ୍ରଦର୍ଶନ କରିଥିଲେ। ଶାଳଚୁଆ, ହିଲ୍ ବ୍ଲକ୍-୨୪, ଫୁଲବାଡ଼ିଆ, ଝିଲିରିବେଣି, ପରାଶିବାଡ଼ି ଗ୍ରାମ ଶିଶୁ ସୁରକ୍ଷା କମିଟିର କର୍ମକର୍ତ୍ତାଙ୍କୁ ପ୍ରୋଜେକ୍ଟ ତରଫରୁ ପୁରସ୍କୃତ କରାଯାଇଥିଲା। ଆଶିଷ କୁମାର ମଲ୍ଲିକ୍ ଅତିଥି ପରିଚୟ ପ୍ରଦାନ ଓ ରତିକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

■ ମଦମୃତ୍ୟୁକୁ ମାସେ ପୂରିନି

# ଅବାଧରେ ଚାଲିଛି ଚୋରାମଦ କାରବାର

**ଭଦ୍ରକ ଅଫିସ, ୨୬।୫**

■ ପଡ଼ୋଶୀ ଜିଲାରୁ ଆସୁଛି ଲକ୍ଷାଧିକ ଟଙ୍କାର ମଦ

■ ଅବକାରୀ ବିଭାଗ ନୀରବଦ୍ରଷ୍ଟା

ନିର୍ବାଚନ ସମୟରେ ଭଦ୍ରକ ଜିଲାରେ ମଦମୃତ୍ୟୁ ଘଟଣା ସାରା ରାଜ୍ୟରେ ଚଳହ ସୃଷ୍ଟି କରିଥିଲା। ବିଷାକ୍ତ ମଦପିଇ ପୀରହାଟ ଓ ଚାନ୍ଦବାଲି ଅଞ୍ଚଳରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ହେଲେ ପ୍ରଶାସନ ବର୍ତ୍ତମାନ ସୁଦ୍ଧା କେତେଜଣଙ୍କର ମଦମୃତ୍ୟୁ ଘଟିଛି ତାହାର ଠିକ୍ ତଥ୍ୟ ଦେଇପାରି ନାହିଁ। ଏଯାଏ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ମଧ୍ୟ ମିଳିପାରି ନାହିଁ। ଯେଉଁ ବିଷାକ୍ତ ମଦ ପାଇଁ ୧୦ ପରିବାର ସର୍ବହରା ହୋଇଗଲେ ସେହି ନକଲି ମଦ ଚାଲାଣ ଉପରେ ରୋକ୍ ଲଗାଇ ପାରିନାହିଁ ଜିଲା ଅବକାରୀ ବିଭାଗ ଓ ପୋଲିସ। ଏହି ଘଟଣାକୁ ମାସେ ପୂରିନି ଅବାଧରେ ମଦ କାରବାର ଚାଲିଛି। ଦୈନିକ ହଜାର ହଜାର ଲିଟର ମଦ ଜିଲା ବାହାରୁ ଭଦ୍ରକର ବିଭିନ୍ନ କୋଣାନୁକୋଣକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଭଦ୍ରକ ଜିଲା ଏବେ ଚୋରାମଦ ବେପାରୀଙ୍କ ଚରାଭୂଇଁ ପାଲଟିଛି।

ଦୈନିକ ଲକ୍ଷାଧିକ ଟଙ୍କାର ଚୋରା ଦେଶୀ ଓ ବିଦେଶୀ ମଦ ଜିଲାକୁ ଅବାଧରେ ଆସୁଛି। ପଡ଼ୋଶୀ ଜିଲାରୁ କମ୍ ଟଙ୍କାରେ ଏହି ଜିଲାକୁ ବିଳାସପୂର୍ଣ୍ଣ ଗାଡ଼ିରେ ଏହିସବୁ ମଦ ଆମଦାନୀ ହେଉଛି। ଏଥିପାଇଁ ଜିଲାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ଜିଲା ଅବକାରୀ ବିଭାଗର ଉଦାସୀନତା ଓ ସହଭାଗିତାରେ ଏହି କାରବାର ରୀତିମତ ଚାଲିଥିବା କୁହାଯାଉଛି। ଅବକାରୀ ବିଭାଗର କେତେକ ଅଧିକାରୀଙ୍କ ସଲାସୁତୁରାରେ ପଡ଼ୋଶୀ ଜିଲା କେନ୍ଦୁଝର, କେନ୍ଦ୍ରାପଡ଼ା, ଯାଜପୁର ଓ ବାଲେଶ୍ୱର ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ଦେଶୀ ଓ ବିଦେଶୀ ମଦ ଏଠାକୁ ଆମଦାନୀ କରାଯାଉଛି। ଜାତୀୟ ରାଜପଥ ଦେଇ ପୁରୁଣା ବାଲେଶ୍ୱର ଓ ସୋର ଅଞ୍ଚଳରୁ ନିୟମିତ ଦେଶୀମଦ ବୋଲେରୋ, ଟ୍ରାଭେରା, ଏକ୍ସୟୁଭି ଭଳି ବିଳାସପୂର୍ଣ୍ଣ ଗାଡ଼ିରେ ଭଦ୍ରକର ରାଣୀତାଳ, ଇଚ୍ଛାପୁର, ପୀରହାଟ, ତିହିଡ଼ି, ଚାନ୍ଦବାଲି, ନଛିପୁର, ସାତଭଉଣୀ, ଭଦ୍ରକାଳୀ, ଓଲଙ୍ଗ, ବଣିଆଁ, ଏରେଇଁ, ଗେଲଟିଆ ପ୍ରମୁଖ ଅଞ୍ଚଳକୁ ଅଣାଯାଉଛି। ସେଥିରେ ପାଣି ମିଶାଯାଇ ଚଢ଼ାଦରରେ ବିକ୍ରି କରାଯାଉଛି। ଏପରିକି ବିଭିନ୍ନ ବିଦେଶୀ ବ୍ରାଣ୍ଡେଡ୍ ମଦ ନକଲି କରାଯାଇ ଜିଲାକୁ ଚାଲାଣ ହେଉଛି। ସେହିଭଳି କେନ୍ଦୁଝର ଜିଲା ଢେଙ୍କା ଅଞ୍ଚଳରୁ (ନାଳିଘୋଡା) ମଦ ବନ୍ତ-ଆନନ୍ଦପୁର ରାସ୍ତାର ଛେନାପଦୀ ଛକ ଦେଇ ଆଗରପଡ଼ା ଅଞ୍ଚଳକୁ ଆସୁଛି। ଏହାକୁ ବରପଦା, ଗଣିଜାଙ୍ଗ, କାଦବରାଙ୍ଗ, କାଉପୁର, ରାନ୍ଦିଆ, ବାଲୁଅ, ରାମକୃଷ୍ଣପୁର ଅଞ୍ଚଳରେ ଚୋରାରେ ବିକ୍ରି କରାଯାଉଛି। ପାଣି ପାଉଚ ଭଳି ୩ଟି ପ୍ୟାକେଟକୁ ୧୦୦ ଟଙ୍କାରେ ଅଫରରେ ବିକାଯାଉଛି। କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାରୁ ଆରଡ଼ି, ଧାମନଗର ଓ ତିହିଡ଼ି ଅଞ୍ଚଳକୁ ଚୋରା ଚାଲାଣ ହେଉଛି। ଏହି ଅଞ୍ଚଳକୁ ଚୋରାମଦ କାରବାରର ପେଣ୍ଠସ୍ଥଳୀ କୁହାଯାଉଛି। ସବୁ ଜାଣି ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଅବକାରୀ ବିଭାଗର ଚଢ଼ାଉ ଲୋକଦେଖାଣିଆ କେବଳ ଧର୍ମକୁ ଆଖିଠାର ମାରିବା ଭଳି। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ରାହାସ ବିହାରୀ ପାତ୍ରଙ୍କୁ ପଚାରିବାରୁ ଆବଶ୍ୟକ କର୍ମଚାରୀ ଅଭାବ ସାଙ୍ଗକୁ ଉପଯୁକ୍ତ ସୂଚନା ମିଳୁ ନ ଥିବାରୁ ପଡ଼ୋଶୀ ଜିଲାରୁ ଏଠାକୁ ମଦ ଚାଲାଣକୁ ରୋକାଯାଇ ପାରୁନାହିଁ ବୋଲି କହିଛନ୍ତି।

# ସାଧନାଙ୍କ ଜର୍ମାନୀ ଯାତ୍ରା

**ଭଦ୍ରକ ଅଫିସ, ୨୬।୫**


ସାଧନା ନାୟକ।

ସୋମବାରଠାରୁ ଜର୍ମାନୀର ବନଠାରେ ଗ୍ଲୋବାଲ ମିଡିଆ ଫୋରମ-୨୦୧୯ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଫୋରମରେ ଓଡ଼ିଶାରେ ମହିଳା ହିଂସା ରୋକିବା ନେଇ କାର୍ଯ୍ୟ କରୁଥିବା ଭଦ୍ରକ ପୌରପାଳିକା ଅଧୀନ ସନ୍ଥିଆର ସାମାଜିକ ପରିବର୍ତ୍ତନ ସଂସ୍ଥାନ 'ସାଧନ'ର ପ୍ରତିଷ୍ଠାତା ସାଧନା ନାୟକ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ସେ ଶନିବାର ଜର୍ମାନୀ ଅଭିମୁଖେ ଯାତ୍ରା କରିଛନ୍ତି। ପ୍ରକାଶ ଯେ, ଜର୍ମାନୀ ବିଦେଶ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସାମଗ୍ରିକସ୍ତରରେ ବିକାଶ ଓ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମର ଆଭିମୁଖ୍ୟ। ଉକ୍ତ ଫୋରମରେ ବିଶ୍ୱର ୭୪ ଦେଶରୁ ୧୧୬ ଜଣ ପ୍ରତିନିଧି ଯୋଗଦେବେ। ଭାରତରୁ ପ୍ରତିନିଧିତ୍ୱ କରୁଥିବା ସାଧନା ମହିଳା ହିଂସା ନିରାକରଣ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିବେ।

# ଚାକିରି କରାଇଦେବା ନାଁରେ ଟଙ୍କା ଆଦାୟ ଅଭିଯୋଗ: ୨ ଯୁବକ ଗିରଫ

**ତିହିଡ଼ି, ୨୬।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ କେତେକ ଅଞ୍ଚଳର ଯୁବତୀ ଏବଂ ମହିଳାଙ୍କୁ ପଞ୍ଚାୟତସ୍ତରରେ ଚାକିରି କରାଇଦେବା ନାଁରେ ଟଙ୍କା ଆଦାୟ କରାଯାଉଛି। ଏ ସମ୍ପର୍କରେ ଶନିବାର ତିହିଡ଼ି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୩୦/୧୯) ରୁଜୁ କରି ରବିବାର ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକଦ୍ୱୟ ହେଲେ ସିମୁଳିଆ ଥାନା ଅଳିହା ଗ୍ରାମର ଅନାଦି ବେହେରା ଏବଂ ସୋର ଥାନା ଅଧୀନ କୁରୁଡ଼ା ଗ୍ରାମର ଗୌରବ ନାୟକ। ସେମାନେ ଗୋଳାପୋଖରୀ ଛକ ନିକଟରେ ଏକ ଘରେ ନିର୍ଦ୍ଦିଷ୍ଟ ଏକ ସଂସ୍ଥା ନାଁରେ ଚାକିରି କରାଇ ଦେବାକୁ କହି ଟଙ୍କା ଆଦାୟ କରୁଥିଲେ। ଏ ସମ୍ପର୍କରେ ବଜରଙ୍ଗ ଦଳର କେତେକ କର୍ମକର୍ତ୍ତା ଜାଣିବା ପରେ ଶନିବାର ସେଠାକୁ ଯାଇଥିଲେ। ଅନାଦି ଓ ଗୌରବ କେତେକ ଯୁବତୀ ଏବଂ ମହିଳାଙ୍କୁ ବସାଇ ପଞ୍ଚାୟତସ୍ତରରେ ଚାକିରି କରାଇ ଦେବା ନାଁରେ ସେମାନଙ୍କଠାରୁ ୧୦୫୦ ଟଙ୍କା ଲେଖାଏ ଆଦାୟ କରୁଥିବା ସେମାନେ ଜାଣିବାକୁ ପାଇଥିଲେ। ବଜରଙ୍ଗ ଦଳର କର୍ମକର୍ତ୍ତା ଏ ସମ୍ପର୍କରେ ପଚାରିବାରୁ ସେମାନେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସେହି କର୍ମକର୍ତ୍ତା ତିହିଡ଼ି ପୋଲିସକୁ ଏ ବିଷୟରେ ଜଣାଇଥିଲେ। ପୋଲିସ ଅନାଦି ଓ ଗୌରବଙ୍କୁ ଥାନାକୁ ନେଇ ପଚରାଉଚୁରା କରିଥିଲା। ବଜରଙ୍ଗ ଦଳର ଜୟପ୍ରକାଶ ପତିଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରିଛି।

# 'କବିସମ୍ରାଟଙ୍କ ସୃଷ୍ଟିସମ୍ଭାରକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ ଲୋଡ଼ା'

**ଭଦ୍ରକ ଅଫିସ, ୨୬।୫**


ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

ଓଡ଼ିଆ ସାହିତ୍ୟ ଜଗତରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ଓଡ଼ିଆ କାବ୍ୟ ସାହିତ୍ୟର ଶ୍ରେଷ୍ଠତମ ପ୍ରତିନିଧି, ରୀତିଯୁଗର ସାରସ୍ୱତ ବିଦ୍ଧାଣୀ ଏବଂ ଓଡ଼ିଆ ସଂସ୍କୃତି ଓ ଜାତୀୟତାର ପ୍ରାଣବନ୍ତ ପ୍ରତୀକ। ଭଦ୍ରକ ଚରମ୍ପାସ୍ଥିତ ପଥରକାଳୀ ମନ୍ଦିର ପ୍ରାଙ୍ଗଣରେ ପୂର୍ବତଟ ରେଳପଥ କର୍ମଚାରୀ ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ସନ୍ଧ୍ୟାରେ ୬୮ତମ ଭଞ୍ଜ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ସ୍ତମ୍ଭକାର ଡ. ନରହରି ବେହେରା ମୁଖ୍ୟଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାର ଅନ୍ୟତମ ଅତିଥି ଏବଂ ବିଶିଷ୍ଟ ଭଞ୍ଜ ଗବେଷକ ରମେଶ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସୂତ୍ରଧର ସଭାପତିତ୍ୱ କରିଥିଲେ। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ

### ଭଞ୍ଜ ଜୟନ୍ତୀ ପାଳିତ

ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ରନାଥ ମହାନ୍ତି। ସୃଜନ ସମ୍ପାଦକ ମନୋରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସୃଷ୍ଟି ସମ୍ଭାରକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଆନ୍ତରିକ ଉଦ୍ୟମ ଲୋଡ଼ା। ଅତୀତରେ ଆରମ୍ଭ ହୋଇଥିବା ଭଞ୍ଜ ଅନୁଷ୍ଠାନଗୁଡ଼ିକ ଏବେ ପ୍ରାୟତଃ ନିଷ୍କ୍ରିୟ ଅବସ୍ଥାରେ ଥିବାବେଳେ ଭଦ୍ରକସ୍ଥିତ ଓଡ଼ିଶାର ଏହି ଦ୍ୱିତୀୟ ସର୍ବପ୍ରାଚୀନ ଅନୁଷ୍ଠାନ ସମଗ୍ର ଓଡ଼ିଶାରେ ଆଲୋକବର୍ତ୍ତିକା ତୁଲ୍ୟ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ମୁଖପତ୍ର 'ଭଞ୍ଜ ଜୟନ୍ତୀ ସ୍ମରଣିକା ୨୦୧୯' ଉନ୍ମୋଚିତ ହୋଇଥିଲା ଯାହାକି ଓଡ଼ିଶାର ସମ୍ଭବତଃ ଏକମାତ୍ର ଭଞ୍ଜଭିତ୍ତିକ ପତ୍ରିକା। ଶେଷରେ ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ରମାକାନ୍ତ ନାୟକ, ଭାଗୀରଥି ସାମଲ, ବାବାଜି ଚରଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

### ବିଜେଡି କାର୍ଯ୍ୟାଳୟରେ ଇଫ୍‌ତାର୍ ପାର୍ଟି

**ଭଦ୍ରକ ଅଫିସ, ୨୬।୫**

ଭଦ୍ରକ ପୁରୁଣାବଜାରସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଇଫ୍‌ତାର୍ ପାର୍ଟି ଅନୁଷ୍ଠିତ ହୋଇଯାଇଛି। ପବିତ୍ର ରମ୍‌ଜାନ ମାସରେ ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ରୋଜା ବା ଉପବାସ ରଖିଥାନ୍ତି। ପ୍ରତ୍ୟହ ଦିନତମାମ ରୋଜା ରଖିବା ସହ ସନ୍ଧ୍ୟାରେ ଫିଟାଇଥାନ୍ତି। ବିଜେଡି ପକ୍ଷରୁ ଇଫ୍‌ତାର୍ ପାର୍ଟିର ଆୟୋଜନ କରାଯାଇ ସବୁ ସମ୍ପ୍ରଦାୟର ଲୋକଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେତା ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ୍, ଚଉଦ ମହଲା ମୁସ୍‌ଲିମ ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ଜେନା, ସମାଜସେବୀ ଏସ୍.ଏମ୍ ଫାରୁକ୍, ହାଜି ଅନୱାର ଅଲ୍ଲୀ, ଭଦ୍ରକ ଓକିଲ ସଂଘ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ସୟଦ ଆକବର ଅଲ୍ଲୀ, ଇମ୍ତିଆଜ ଖାଁ ପ୍ରମୁଖ ଇଫ୍‌ତାର ପାର୍ଟିରେ ଯୋଗ ଦେଇଥିଲେ। ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ କାଉନସିଲର ମହମ୍ମଦ ଇକ୍‌ବାଲ ଖାଁ ପରିଚାଳନା କରିଥିଲେ। ଶତାଧିକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୧୨ ଫୁଟର ଅଜଗର ଉଦ୍ଧାର

**ଭଦ୍ରକ ଅଫିସ, ୨୬।୫**


ଉଦ୍ଧାର ଅଜଗରକୁ ଧରିଛନ୍ତି ସାପଧରାଳି ମିର୍ଜା ଆରିଫ୍।

ଭଦ୍ରକ ସହର ଉପକଣ୍ଠ ରାନ୍ଦିଆ ପୋଲ ତଳୁ ରବିବାର ସକାଳେ ଏକ ୧୨ ଫୁଟର ଅଜଗର ଉଦ୍ଧାର କରାଯାଇଛି। ରାନ୍ଦିଆ ଗ୍ରାମର ରାଧାନାଥ ସ୍ୱାଇଁ ସକାଳୁ ଫୁଲ ତୋଳିବାକୁ ଯିବା ସମୟରେ ସାପଟି ଜାଲରେ ଫସିଯାଇଥିବା ଓ ସେଠାରେ କୁକୁର ଭୁକୁଥିବା ଦେଖିଥିଲେ। ସେ ଭଦ୍ରକର ସାପଧରାଳି ମିର୍ଜା ଆରିଫ୍‌ଙ୍କୁ ଫୋନ କରି ଖବର ଦେଇଥିଲେ। ମିର୍ଜା ସେଠାରେ ପହଞ୍ଚି ଜାଲରେ ଫସିଯାଇଥିବା ଅଜଗରକୁ କାଢ଼ି ବାହାର କରିଥିଲେ। ପରେ ସାପକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି।

# ଭାରତୀୟ ମଜ୍‌ଦୁର ସଂଘର ଜିଲା ସମ୍ମିଳନୀ


ସମ୍ମିଳନୀରେ ମଜ୍‌ଦୁର ସଂଘର କର୍ମକର୍ତ୍ତା।

**ଭଦ୍ରକ ଅଫିସ, ୨୬।୫**

ଭଦ୍ରକ ନୂଆବଜାରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ଭାରତୀୟ ମଜ୍‌ଦୁର ସଂଘର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ବିଏମ୍ଏସ୍ ସଭାପତି ମନୋଜ ବସନ୍ତରାୟ ଏହାକୁ ପରିଚାଳନା କରିଥିଲେ। ପ୍ରଥମେ ଜିଲା ସମ୍ପାଦକ ମୁକ୍ତିକାନ୍ତ ସାହୁ ସଂଘର ବିଭିନ୍ନ ସଫଳତା ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ। ରାଜ୍ୟ ଉପ ସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ର, ରାଜ୍ୟ କୋଷାଧ୍ୟକ୍ଷ ଲକ୍ଷ୍ମଣ ଦାସ, ଭଦ୍ରକ ଜିଲା ପ୍ରଭାରୀ ପ୍ରଫୁଲ୍ଲ ଜେନା, ରାଷ୍ଟ୍ରୀୟ

### ନୂତନ କର୍ମକର୍ତ୍ତା ଚୟନ

ସ୍ୱୟଂସେବକ ସଂଘର ବିଭାଗ ପ୍ରମୁଖ ପାର୍ଥସାରଥୀ ଦାସ ଯୋଗଦେଇ ସଂଘର ବିଭିନ୍ନ ନିଷ୍ପତ୍ତିକୁ ଜିଲାସ୍ତରରେ କାର୍ଯ୍ୟକାରୀ କରିବାକୁ ଜିଲା କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ପରେ ଆଗାମୀ ବର୍ଷ ପାଇଁ ନୂତନ ଜିଲା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ମନୋଜ ବସନ୍ତରାୟ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ର, ଉପସଭାପତି ମନୋଜ ଲେଙ୍କା, ଅମୂଲ୍ୟ କୁମାର ଭୋଇ, ସମ୍ପାଦକ ମୁକ୍ତିକାନ୍ତ ସାହୁ, ସହସମ୍ପାଦକ ଭାବେ ଅଶୋକ କୁମାର ନାୟକଙ୍କ ସମେତ ବହୁ ପଦବୀ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସେହିପରି ଜିଲା କାର୍ଯ୍ୟକାରିଣୀକୁ ମଧ୍ୟ କର୍ମକର୍ତ୍ତା ମନୋନୀତ କରାଯାଇଥିଲା।

### କାର୍ ଧକ୍କାରେ ୨ ଗୁରୁତର

**ଭଣ୍ଡାରିପୋଖରୀ, ୨୬।୫(ଡି.ଏନ.ଏ.)** ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡଠାରେ ଏକ କାର୍ ଧକ୍କାରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଦକ୍ଷିଣବାଡ଼ ପଞ୍ଚାୟତ ଉତ୍ତରବାଡ଼ ଗ୍ରାମର ସନ୍ତୋଷ ସାହୁ ଓ ମାଧବ ଜେନା। ସନ୍ତୋଷଙ୍କ ବାପା ନରେନ୍ଦ୍ର କୁମାର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସନ୍ତୋଷ ଓ ମାଧବ ଶୁକ୍ରବାର ବିଳମ୍ବିତ ରାତିରେ ବସ୍‌ଷ୍ଟାଣ୍ଡଠାରେ ଛିଡ଼ା ହୋଇ କଥା ହେଉଥିବା ବେଳେ ପାଣିକୋଇଲି ପଟୁ ଭଦ୍ରକ ଆଡ଼କୁ ଯାଉଥିବା ଏକ ଧଳା ରଙ୍ଗର କାର୍ ଧକ୍କା ଦେଇ ପଳାଇଯାଇଥିଲା। ଏଥିରେ ଗୁରୁତର ସନ୍ତୋଷ ଓ ମାଧବଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା (ନଂ. ୮୬/୧୯) ରୁଜୁ କରି ତଦନ୍ତ କରୁଛି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

## ଥାନାରୁ ଖସିଗଲେ ରିଜର୍ଭ ବାଟାଲିୟନ କର୍ମଚାରୀ

**ବାସୁଦେବପୁର, ୨୬।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆରୁହା ପଞ୍ଚାୟତ ଗୋବିନ୍ଦବିନ୍ଧା ଗ୍ରାମର ଜଣେ ଇଣ୍ଡିଆନ ରିଜର୍ଭ ବାଟାଲିୟନ ପୋଲିସ କର୍ମଚାରୀ ବ୍ରାହ୍ମଣଗାଁ ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ନାବାଳିକାଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନା ପୋଲିସ ଶନିବାର ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ନାମରେ ଏକ ମାମଲା(ନଂ. ୧୮୪/୧୯) ରୁଜୁ କରିଛି। ଘଟଣାର ତଦନ୍ତ ପାଇଁ ବାସୁଦେବପୁର ପୋଲିସ ସମ୍ପୃକ୍ତ କର୍ମଚାରୀଙ୍କୁ ଶନିବାର ଥାନାକୁ ଡକାଇ ପଚରାଉଚରା କରିଥିଲା। ରବିବାର ସକାଳେ ଶୌଚ ହେବା ଆଳରେ ସେ ପୋଲିସ କବ୍‌ଜାରୁ ଖସି ପଳାଇଯାଇଥିବା ସୂଚନା ମିଳିଛି। ସମ୍ପୃକ୍ତ ପୋଲିସ କର୍ମଚାରୀ ଜଣଙ୍କ ରାୟଗଡ଼ା ରିଜର୍ଭ ବାଟାଲିୟନରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ବିଭିନ୍ନ ସମୟରେ ନାନା ପ୍ରଲୋଭନ ଓ ବିବାହ ପ୍ରତିଶ୍ରୁତି ଦେଇ ସେ ନାବାଳିକାଙ୍କ ସହ ଅସୌଜନ୍ୟ ବ୍ୟବହାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଘଟଣାର ତନାଘନା ଚଳାଇଛି।

# ଚାହିଦା ମୁତାବକ ମିଳୁନି ଧାନବିହନ

■ ଖରିଫ ଚାଷ ପ୍ରଭାବିତ ହେବା ଆଶଙ୍କା

**ବଉଳା, ୨୬।୫ (ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଚାଷୀଙ୍କ ଚାହିଦା ମୁତାବକ ବିଭିନ୍ନ କିସମର ଧାନ ବିହନ ମିଳୁ ନାହିଁ । ସରକାରଙ୍କ ପକ୍ଷରୁ ପୂର୍ବରୁ ସମବାୟ ସମିତି ଜରିଆରେ ଧାନ ବିହନ ବିକ୍ରି କରାଯାଉଥିଲା। ପରେ ବେସରକାରୀ ଭାବେ ଡିଲରଙ୍କ ଜରିଆରେ ଧାନ ବିହନ ଯୋଗାଣ ହେଉଛି। ଚାଷୀମାନେ ୧୦୦୯, ସବ୍ ୱାନ ୧୦୦୯, କଳାଚମ୍ପା, ୧୦୧୮, ୧୦୧୭, ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ ୱାନ, ୧୦୦୧ ବିହନ ଆବଶ୍ୟକ କରୁଥିବା ବେଳେ ଡିଲରଙ୍କ ପାଖରେ ଏସବୁ କିସମର ବିହନ ମିଳୁ ନ ଥିବା ଅଭିଯୋଗ କରୁଛନ୍ତି। କେତେକ ସ୍ଥାନରେ ଚାଷୀ ଖରାଟିଆ ଧାନ ବୁଣା ଆରମ୍ଭ କରିଥିବା ବେଳେ ଆଉ କେତେକ ସ୍ଥାନରେ ଧାନ ତଳି ପକାଇବାକୁ ଚାଷୀ ଉଦ୍ୟମ କରୁଛନ୍ତି। ହେଲେ ଧାନ ବିହନ ଅଭାବ ଏଥିରେ ଅନ୍ତରାୟ ସୃଷ୍ଟି କରିଛି।

ହାଟଡିହୀ ବ୍ଲକର ମରୈଗାଁରେ ୨ଟି ଓ ରଣା ଛକରେ ଗୋଟିଏ ଧାନ ବିକ୍ରୟ କେନ୍ଦ୍ର ବେସରକାରୀ ଭାବେ ଖୋଲାଯାଇଛି । ଚାଷୀମାନେ ଏହି କେନ୍ଦ୍ରକୁ ଆସି ଚାହିଦା କିସମର ବିହନ ନ ପାଇ ହତାଶ ହୋଇ ଫେରୁଛନ୍ତି। କୃଷି ସରକାରୀ କାର୍ଯ୍ୟାଳୟ ଓ ସମବାୟ ସମିତିରେ ଧାନ ବିହନ ମିଳୁ ନ ଥିବାରୁ କେତେକ ଚାଷୀ ଦୂରଦୂରାନ୍ତକୁ ଯାଇ ଧାନ ବିହନ କିଣିବା ଉଦ୍ୟମ କରୁଛନ୍ତି। ଏଥିଲାଗି ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଡିଲରମାନେ ସରକାରଙ୍କଠାରୁ ଆଣୁଥିବା ବିହନ ବିକ୍ରି ନ ହୋଇ ବଳକା ରହିଲେ ସରକାର ଏହାକୁ ଫେରସ୍ତ ନେବାକୁ ରାଜି ହେଉ ନ ଥିବାରୁ ସେମାନେ ଅଧିକ ଧାନ ବିହନ ମହଜୁଦ ରଖିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା ଡିଲରମାନେ କହୁଛନ୍ତି। ବ୍ଲକରେ ୮ଟି ସମବାୟ କେନ୍ଦ୍ର ଥିବାରୁ ସରକାର ସମବାୟ ସମିତି ଜରିଆରେ ଏହି ଅଞ୍ଚଳର ଚାଷୀଙ୍କୁ ଚାହିଦା ଓ ଆବଶ୍ୟକ ମୁତାବକ ବିହନ ଯୋଗାଇ ନ ଦେଲେ ଖରିଫ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଚାଷୀ ରବୀନ୍ଦ୍ର ସାହୁ, ସୁନିଲ ନାୟକ, ନଳିନୀ ରାଉତ, ନଟବର ରାଉତ, ଗୋବିନ୍ଦ ଜେନା, ଶତ୍ରୁଘ୍ନ ପାତ୍ର, ତ୍ରୈଲୋଚନ ନାୟକ,ନାରଣ ରାଉତ, ଶ୍ୟାମସୁନ୍ଦର ରାଉତ, ବାବାଜୀ ଚରଣ ପହି, ଧନେଶ୍ୱର ପହି, ଅଲେଖ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି ।

# ୬୪ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**କପ୍ତିପଦା, ୨୬।୫(ଡି.ଏନ.ଏ)**

### କପ୍ତିପଦା ବ୍ଲକ

■ ୨୫ ଟି ପରିତ୍ୟକ୍ତ ଅବସ୍ଥାରେ

ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କରେ ଘଟୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପରିତ୍ୟକ୍ତ କେନ୍ଦ୍ରଗୁଡ଼ିକୁ ବିପଦସଙ୍କୁଳ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପରିତ୍ୟକ୍ତ ଗୃହମାନଙ୍କରେ କେନ୍ଦ୍ର ଖୋଲା ନ ଯାଇ ଅନ୍ୟତ୍ର ଏହା କାର୍ଯ୍ୟକାରୀ ହେଉଛି । କେତେକ ସ୍ଥାନରେ ବିପଦସଙ୍କୁଳ କେନ୍ଦ୍ର ଗୁଡ଼ିକ ବନ୍ଦ କରାଯାଇ ନିକଟସ୍ଥ ବିଦ୍ୟାଳୟରେ ଏହି କେନ୍ଦ୍ର ଚାଲୁଛି। ଅନେକ ସ୍ଥାନରେ ଅଙ୍ଗନୱାଡି ଗୃହ ନ ଥିବାବେଳେ କେତେକ ସ୍ଥାନରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲୁ ରହିଛି। ବିଭାଗୀୟ ଅଧିକାରୀଙ୍କ ଉପଯୁକ୍ତ ତଦାରଖ ଓ ତାଗିଦର ଅଭାବ ପାଇଁ ଗ୍ରାମ ସଂଯୋଜକ ଓ ଠିକାଦାରମାନେ କାର୍ଯ୍ୟଗୁଡ଼ିକୁ ଅସମ୍ପୂର୍ଣ୍ଣ କରି ପକାଇ ରଖିଛନ୍ତି। ମହିଳା ଓ ଶିଶୁ ବିକାଶ ଯୋଜନା ଅଧୀନରେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ର ୨୬ଟି ପଞ୍ଚାୟତକୁ ୮ଟି ସେକ୍ଟରରେ ଭାଗ କରାଯାଇଛି। ୮ ଜଣ ସୁପରଭାଇଜର କାର୍ଯ୍ୟରତ ଥିବାବେଳେ ମୋଟ ୨୨୪ଟି ଅଙ୍ଗନୱାଡ଼ି ଓ ୯୪ଟି ମିନି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି । ୧୬୭ କେନ୍ଦ୍ରର ସ୍ଥାୟୀ ଗୃହ ଥିବାବେଳେ ସେଥି ମଧ୍ୟରୁ ୨୫ଟିରୁ ଊର୍ଦ୍ଧ୍ୱ ପରିତ୍ୟକ୍ତ ଅବସ୍ଥାରେ ରହିଛି । ୬୪ଟି ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାୟୀ ଗୃହ ନାହିଁ। ଏଗୁଡ଼ିକ କେଉଁଠି ଗାଁ ଚାଳିରେ ତ ଆଉ କେଉଁଠି କାହା ଘର ବାରଣ୍ଡାରେ ଚାଲୁଥିବାର ଦେଖାଯାଇଛି। ଫଳରେ ଶିଶୁ, ଗର୍ଭବତୀ ଓ ପ୍ରସୂତିମାନେ ବାର ଦ୍ୱାର ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅଙ୍ଗନୱାଡ଼ିକୁ ମିଳୁଥିବା ଆବଶ୍ୟକୀୟ ଖାଦ୍ୟ, ଔଷଧ, ବିଭିନ୍ନ ଉପକରଣ ନିରାପଦରେ ରଖିବା ନେଇ ଅସୁବିଧା ସୃଷ୍ଟି ହେଉଛି। କେତେକ ସ୍ଥାନରେ ପାଣିର ସୁବିଧା ନ ଥିବାବେଳେ କେଉଁଠି ନଳକୂଅଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ ସମେତ କାର୍ଯ୍ୟରତ ୮ ଜଣ ସୁପରଭାଇଜର ନିଜ ନିଜ ହେଡ୍‌କ୍ୱାର୍ଟରରେ ରହିବାର ନିର୍ଦ୍ଦେଶ ରହିଥିବାବେଳେ ସେକ୍ଟରରେ କ୍ୱାର୍ଟର ନ ଥିବାରୁ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ୮ ସୁପରଭାଇଜରଙ୍କ ସ୍ଥାନରେ ବିଶୋଇ ଓ ବଡ଼ଖଲାଡି ସୁପରଭାଇଜରଙ୍କ ଅନ୍ୟତ୍ର ବଦଳି ହୋଇଛି । ସେହିପରି ୮ଟି ସେକ୍ଟର ପାଇଁ କପ୍ତିପଦା ବୃହତ ଅଞ୍ଚଳ ହେଉଥିବାରୁ ୧୩ଟି ସେକ୍ଟର କରିବା ପାଇଁ ବିଭାଗକୁ ଚିଠି କରାଯାଇଥିବାବେଳେ ଏହା ଅନୁମୋଦନ ଅପେକ୍ଷାରେ ରହିଛି । ଏ ସମ୍ପର୍କରେ ସିଡିପିଓ ମିତାରାଣୀ ବସାଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିବା ସହିତ ସ୍ଥାୟୀ ଗୃହଥିବା ୧୬୭ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ମରାମତି ଅଭାବରୁ କେତେକ ବ୍ୟବହାର ଅନୁପଯୋଗୀ ଅବସ୍ଥାରେ ରହିଛି ବୋଲି କହିଛନ୍ତି । ଏହାବ୍ୟତୀତ କେତେକ ଘର ବିଆରଜିଏଫ୍, ଆଇଏପି, ଷ୍ଟେଟ୍ ପ୍ଲାନ ଓ ଏମଜିଏନଆରଇଜିଏ ଯୋଜନାରେ ନିର୍ମାଣାଧୀନ ରହିଛି। ସରକାରଙ୍କ ଅନୁଦାନ ଆସିଲେ ଅନ୍ୟ କେନ୍ଦ୍ରଗୁଡିକ ନିର୍ମାଣ ହେବ। ଖାଲିଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକା ପଦବୀ ପୂରଣ ପାଇଁ ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ମେ ୨୭/୨୦୧୯ Balasore, Monday, May 27/2019

## ସଂକ୍ଷେପରେ

### ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ

**ଝୁମ୍ପୁରା, ୨୬।୫ (ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ ନହବେଡା ଗ୍ରାମରେ ୨୩ ତାରିଖ ମଧ୍ୟାହ୍ନ ସମୟରେ ଅଂଶୁଘାତରେ ଆକ୍ରାନ୍ତ ହୋଇଥିବା ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଲ୍ୟାଣ କୁମାର ପ୍ରଧାନ(୫୫ବର୍ଷ)। ସେ ବଳଦ ଚରାଇବାକୁ ବିଲକୁ ଯାଇଥିବା ବେଳେ ଟାଣ ଖରା ଯୋଗୁ ଅସୁସ୍ଥତା ଅନୁଭବ କରି ଘରକୁ ଚାଲି ଆସିଥିଲେ। ଘର ପିଣ୍ଡାରେ କିଛି ସମୟ ବସିବା ପରେ ସେ ଟଳି ପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସାହି ବାସିନ୍ଦାଙ୍କଠାରୁ ଖବର ପାଇ ପୋଲିସ ପହଁଞ୍ଚିଥିଲା। ଏହି ଅଂଶୁଘାତ ମୃତ୍ୟୁ ନେଇ କଲ୍ୟାଣଙ୍କ ଭାଇ ମହେନ୍ଦ୍ର ଥାନାରେ ରିପୋର୍ଟ କରିଛନ୍ତି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଝୁମ୍ପୁରା ଥାନା ଅଧିକାରୀ ଏଫ ଟିଗା ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ ୬/୨୦୧୯) ରୁଜୁ ହୋଇଛି।

### କେନ୍ଦୁଝରରେ ଅଗ୍ନିଶମ ବିଭାଗ ପକ୍ଷରୁ ଯାଞ୍ଚ ଆରମ୍ଭ

**କେନ୍ଦୁଝର,୨୬।୫(ସ୍ୱ.ପ୍ର.):** ସୁରଟର କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଘଟି ୨୨ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିବା ପରେ କେନ୍ଦୁଝର ଅଗ୍ନିଶମ ବିଭାଗ ତତ୍ପର ହୋଇ ଉଠିଛି। ସ୍ଥାନୀୟ ସହର ସମେତ ବିଭିନ୍ନ ସ୍ଥାନରେ ଥିବା କୋଚିଂ ସେଣ୍ଟର ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କିଭଳି ରହିଛି, ତାହା ଅନୁଧ୍ୟାନ ଲାଗି ଅଗ୍ନିଶମ ବିଭାଗ ରବିବାର ଯାଞ୍ଚ ଆରମ୍ଭ କରିଛି। ଜିଲା ଅଗ୍ନିସେବା ଅଧିକାରୀ ଶଶାଙ୍କ ମହାପାତ୍ରଙ୍କ ନେତୃତ୍ୱରେ ପ୍ରାଥମିକ ସ୍ତରରେ ବିଭିନ୍ନ କୋଚିଂ ସେଣ୍ଟର ଯାଞ୍ଚ କରାଯାଇ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ତାଗିଦ କରାଯାଇଛି । ସେହିପରି ଅନ୍ୟ ଶିକ୍ଷାନୁଷ୍ଠାନମାନଙ୍କୁ ମଧ ନୋଟିସ ଜାରି କରାଯାଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। କେନ୍ଦୁଝର ସମେତ ଜିଲାର ବହୁ କୋଚିଂ ସେଣ୍ଟର, ଶିକ୍ଷାନୁଷ୍ଠାନ, ଏପରିକି ବ୍ୟବସାୟିକ ସଂସ୍ଥା ଓ ମଲ ବିନା ଅଗ୍ନି ନିର୍ବାପକ ବ୍ୟବସ୍ଥାରେ ଚାଲିଥିବା ଅଭିଯୋଗ ମିଳିଛି।

# ନାବାଳିକା ଅପହରଣ ଘଟଣା ନେଇ ଉତ୍ତେଜନା

**ହାଟଡିହୀ,୨୬।୫(ଡି.ଏନ.ଏ.)**

- ୩ ଅଭିଯୁକ୍ତ ଥାନାରେ ଅଟକ
- ଛକାପଞ୍ଝା ସ୍ଥିତିରେ ସବର୍ଣ୍ଣ -ଅସବର୍ଣ୍ଣ
- ଘଟଣାକୁ ରଫାଦଫା କରିବାକୁ ପୋଲିସର ପ୍ରୟାସ

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଓରାଳି ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରିନେବା ଘଟଣା ନେଇ ଉତ୍ତେଜନା ପରିସ୍ଥିତି ଲାଗି ରହିଛି। ନନ୍ଦିପଦା ଥାନାରେ ଏନେଇ ଗତ ୨୧ତାରିଖରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୪୫/୨୦୧୯ ) ରୁଜୁ କରି ତଦନ୍ତ ଚଳାଇଛି। ଇତିମଧ୍ୟରେ ପୋଲିସ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିବା କହିଛି। ଘଟଣାକୁ ୬ଦିନ ବିତିଯାଇଥିଲେ ମଧ୍ୟ ଅପହୃତା ନାବାଳିକାଙ୍କ ପତ୍ତା ମିଳି ନ ଥିବାରୁ ସମ୍ପୃକ୍ତ ପରିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ପୋଲିସ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଅପହରଣ ମାମଲାକୁ ନେଇ ସବର୍ଣ୍ଣ ଓ ଅସବର୍ଣ୍ଣ ସମ୍ପ୍ରଦାୟ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବାରୁ ତୁରନ୍ତ ଉପଖଣ୍ଡ ପୋଲିସ ଅଧିକାରୀ ଓ ଜିଲା ଏସପି ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ଏବଂ ଆନନ୍ଦପୁର ସିଭିଲ ସୋସାଇଟ ସମ୍ପାଦକ ଭଗବାନ ମଲ୍ଲିକ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନା ସହ ଯୋଗାଯୋଗ କରିବାରୁ ଅପହୃତା ନାବାଳିକା ଓ ଅପହରଣକାରୀଙ୍କୁ ଠାବ କରିବା ସକାଶେ ଉଦ୍ୟମ ଜାରି ରହିଛି ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଅପହୃତା ନାବାଳିକାଙ୍କୁ ରାଜ୍ୟ ବାହାରକୁ ନିଆଯାଇ ଥାଇପାରେ ବୋଲି ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି।


ଗାଁକୁ ପଶି ଆସିଥିବା ଭାଲୁ।

## ଭାଲୁ ପାଇଁ ବନ ବିଭାଗ ନାକେଦମ୍

**ଚମ୍ପୁଆ/ପାଟଣା,୨୬।୫(ଡି.ଏନ.ଏ./ସ୍ୱ.ପ୍ର.):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅଧୀନ ସାନନେଉଳି ଗ୍ରାମ ନିକଟକୁ ଚାଲି ଆସିଥିବା ଏକ ଭାଲୁ ଲାଗି ବନ ବିଭାଗକୁ ନାକେଦମ୍ ହେବାକୁ ପଡିଛି। ରବିବାର ସକାଳେ ଗାଁ ଲୋକେ ପ୍ରଥମେ ଭାଲୁକୁ ଦେଖି ଘଉଡାଇବା ଉଦ୍ୟମ କରିଥିଲେ। କିନ୍ତୁ ଭାଲୁ ଗାଁ ଭିତରକୁ ପଶି ଆସିବାରୁ ଲୋକେ ଆତଙ୍କିତ ହୋଇପଡିଥିଲେ। ପରେ ଅପରାହ୍ନ ବେଳକୁ ସ୍ଥାନୀୟ ମହାନ୍ତ ସାହିର ଲଳିତ କୁମାର ମହାନ୍ତଙ୍କ ଘରେ ଭାଲୁଟି ପଶି ଯାଇଥିଲା। ଉଖୁଣ୍ଡା ଫରେଷ୍ଟର ଭାଗୀରଥି ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବନରକ୍ଷୀ ବିନୋଦ ବେହେରା ବିଭାଗୀୟ କର୍ମଚାରୀଙ୍କ ସହିତ ଆସି ପହଞ୍ଚିଥିଲେ। ପାଟଣା ବନାଞ୍ଚଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଖିରେଇଟାଙ୍ଗିରୀ ଫରେଷ୍ଟରଙ୍କ ସହ ସ୍କ୍ୱାର୍ଡ ଆସି ଭାଲୁକୁ ଜଙ୍ଗଲକୁ ଘଉଡେଇବା ପାଇଁ ଉଦ୍ୟମ କରିଥିଲେ ।ଭାଲୁକୁ ଗୋଡାଉଥିବା ଦେଖଣାହାରୀଙ୍କୁ ନିୟନ୍ତ୍ରଣ କରିବର ଏବଂ କୌଣସି ଦୁର୍ଘଟଣା ନ ଘଟିବା ସକାଶେ ଚମ୍ପୁଆ ରେଞ୍ଜର ଘାସିନାଥ ପାତ୍ର ତୁରନ୍ତ ସେଠାକୁ ଏକ ସ୍କ୍ୱାଡ ପଠାଇଥିଲେ। ଶେଷରେ ଭାଲୁଟି ବଡନେଉଳି ଦେଇ ଭଅଁରପୁର ଅଞ୍ଚଳକୁ ଚାଲିଯାଇଥିଲା। ଏହି ଭାଲୁ ଯୋଡିପଦା ସଂରକ୍ଷିତ ଜଙ୍ଗଲ କିମ୍ବା ସାନନେଉଳି ନିକଟ ଜଙ୍ଗଲରୁ ଗାଁକୁ ଚାଲି ଆସିଥିବା କୁହାଯାଉଛି।

## ଉଜୁଡ଼ି ଯାଉଛି କୋଇଲିସୂତା ଜଙ୍ଗଲ

**ତେଲକୋଇ,୨୬।୫ (ଡି.ଏନ.ଏ.)**

**ରାସ୍ତା କାମ ପାଇଁ ଚାଲିଛି ମାଟିଖେଳ**

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ ଭୀମକାଣ୍ଡ ପଞ୍ଚାୟତ ସଂଲଗ୍ନ କୋଇଲିସୂତା ଜଙ୍ଗଲରୁ ବେଆଇନ ଭାବେ ମାଟି ଉତ୍ତୋଳନ କରାଯାଉଥିବାରୁ ଅଞ୍ଚଳବାସୀ ଏହାକୁ ବିରୋଧ କରି ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ରାସ୍ତା ନିର୍ମାଣ ଭଳି କାର୍ଯ୍ୟ ଲାଗି ମାଟି ଖୋଳି ନିଆଯାଉଥିବାରୁ ଜଙ୍ଗଲ ସମ୍ପଦ ଧ୍ୱଂସ ହେବାରେ ଲାଗିଛି। ଏପରି କି ଦୈନିକ ଶହଶହ ଟ୍ରିପ ମାଟି ଉଠାଯାଉଛି। ଏଥିଲାଗି ବହୁ ଗଛ ନଷ୍ଟ ହେବାରେ ଲାଗିଛି। ଏହି ଜଙ୍ଗଲକୁ ସ୍ଥାନୀୟ ଗ୍ରାମବାସୀ ଜଗାରଖା କରି ଜଙ୍ଗଲ ଜାତ ଦ୍ରବ୍ୟ ବ୍ୟବହାର କରୁଥିଲେ। ଜଙ୍ଗଲ କ୍ଷୟକୁ ଦୃଷ୍ଟିରେ ରଖି ଗ୍ରାମବାସୀ ଜାଳେଣୀ କାଠ ସଂଗ୍ରହ ନ କରିବା ସକାଶେ ପରେ ନିଷ୍ପତ୍ତି ନେଇଥିଲେ। ଏହା ସତ୍ତ୍ୱେ ରାସ୍ତା କାମ ଆଳରେ ଠିକାଦାରମାନେ ଏବେ ଜଙ୍ଗଲ ଉଜାଡିବାରେ ଲାଗିଥିବାରୁ ରଇତୁ ନାଏକ,କୈଳାସ ମହାକୁଡ,ମୋହହନ ନାଏକ,ଶ୍ୟାମ ନାଏକ, କୀର୍ତ୍ତନ ନାଏକ, ଅତୁଲ ମହାକୁଡ, ଉମେଶ ନାୟକ, ରଘୁ ନାଏକ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ପିତାମ୍ବର ନାଏକଙ୍କୁ ପଚାରିବାରୁ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣେ ଫରେଷ୍ଟରଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ।

## ୨ କୋଇଲା ବୋଝେଇ ପିକ୍ଅପ୍ ଜବତ

**ଭଦ୍ରକ ଅଫିସ, ୨୬।୫**

ଭଦ୍ରକ ଜିଲାରେ କୋଇଲା ଚୋରା ଚାଲାଣ ଥମିବାର ନାଁ ଧରୁନି। ପୋଲିସ ଓ ପ୍ରଶାସନ ପକ୍ଷରୁ ଚଢ଼ାଉ ପରେ ଏହାର ଚୋରା ଚାଲାଣ କିଛି ମାତ୍ରାରେ କମି ଯାଇଥିଲା। ଏବେ ପୁଣି ବେପାରୀମାନେ ସକ୍ରିୟ ହୋଇ ଚୋରାଚାଲାଣ ଆରମ୍ଭ କରିଛନ୍ତି। ସାବରଙ୍ଗ ଫାଣ୍ଡି ପୋଲିସ ଶନିବାର ଚଢ଼ାଉ କରି ସାବରଙ୍ଗ ବଜାର ନିକଟରୁ ୨ଟି କୋଇଲା ବୋଝେଇ ପିକ୍ଅପ୍ ଜବତ କରିଛି। ପୋଲିସକୁ ଦେଖି ଗାଡ଼ି ଡ୍ରାଇଭର ଓ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହି ଦୁଇ ଗାଡ଼ିରୁ ୮୮ ବସ୍ତା ପ୍ରାୟ ୩ କୁଇଣ୍ଟାଲ ଚୋରା କୋଇଲା ଜବତ ହୋଇଛି। ପୋଲିସ ଏନେଇ ଏକ ମାମଲା(ନଂ.୨୬୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଭଦ୍ରକ ଧାମରା ରେଳପଥରେ ଯାଉଥିବା ମାଲଗାଡ଼ିରୁ କୋଇଲା ଚୋରି କରି ବିଭିନ୍ନ ଅଞ୍ଚଳକୁ ଚାଲାଣ ହେବା ଏକ ନିତିଦିନିଆ ଘଟଣା ହୋଇଛି।

## ବେଆଇନ ଚାନ୍ଦା ଆଦାୟ ଅଭିଯୋଗରେ ୫ ଗିରଫ

**ଯୋଡ଼ା,୨୬।୫(ଡ଼ି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ନିକଟବର୍ତ୍ତୀ ବାଘମରାଛକ-ପଟ୍ଟନାୟକ ଷ୍ଟିଲ ରାସ୍ତାରେ ବେଆଇନ ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଳାଶପଙ୍ଗା ନିକଟବର୍ତ୍ତୀ ବୌଳମାଳ ଅଞ୍ଚଳର କୁନୁ ବେହେରା, ନୟାଗଡ଼ ଅଞ୍ଚଳର ଗୁରୁଚରଣ ନାଏକ, ମନୋଜ ନାଏକ, ପ୍ରହ୍ଲାଦ ନାଏକ ଓ ବରୁଣ କାଣ୍ଡି। ସେମାନେ ରବିବାର ଭୋର ସମୟରେ ବିଭିନ୍ନ ଟ୍ରକ ଅଟକାଇ ବାଡ଼ି ଓ ଖେଳନା ବନ୍ଧୁକ ଦେଖାଇ ଚାନ୍ଦା ଆଦାୟ କରୁଥଲେ। ପୋଲିସ ଚଡାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।










38
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ